ଆଜି - ରବିବାର
ତାରିଖ - ୧୯ ଜୁଲାଇ ୨୦୨୬
ମାସ - କର୍କଟ, ଦିନ - ୦୩
ତିଥି - ଷଷ୍ଠୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ଉତରଫାଲ୍‌ଗୁନୀ, କନ୍ୟା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୧: ୦୦
ସୂର୍ଯ୍ୟାସ୍ତ - ୬ : ୨୪: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି




ଓଁ ଅଖଣ୍ଡମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍
ତତ୍ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ।


E-News : www.Ajikali epaper.com

Vol.- 41 ISSUE- 96 R.N.I. REGD. No. 44026/86 ବାଲେଶ୍ୱର ୧୯ ଜୁଲାଇ ୨୦୨୬ ରବିବାର BALASORE 19 JULY 2026 SUNDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


# ଆଡ଼ପ ମଣ୍ଡପକୁ ବିଜେ କଲେ ଚତୁର୍ଦ୍ଧାମୂର୍ତ୍ତି

## ଆଜିଠୁ ଭକ୍ତ ପାଇବେ ଆଡ଼ପ ଅଭଡ଼ା

ପୁରୀ : ଶ୍ରୀଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପକୁ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ରଥ ଉପରେ ସଂନ୍ଧ୍ୟାଧୂପ ପରେ ଆଡ଼ପ ବିଜେ ନୀତି ଆରମ୍ଭ ହୋଇଥିଲା । ଶ୍ରୀଜୀଉ ମାନେ ଗୋଟି ପହଣ୍ଡିରେ ଜନ୍ମବେଦୀକୁ ବିଜେ କରିଛନ୍ତି । ପ୍ରଥମେ ଶ୍ରୀ ସୁଦର୍ଶନ, ପରେ ଶ୍ରୀ ବଳଭଦ୍ର ଆଡ଼ପ ମଣ୍ଡପକୁ ବିଜେ କରିଛନ୍ତି । ଏହାପରେ ଦେବୀ ସୁଭଦ୍ରା ଏବଂ ଶେଷରେ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଅନୁଷ୍ଠିତ ହୋଇଛି । ଆଡ଼ପ ପହଣ୍ଡି ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆସନ୍ତାକାଲି ଠାରୁ ଆଡ଼ପ ଦର୍ଶନ ସାଙ୍ଗକୁ ଭକ୍ତ ଆଡ଼ପ ଅବଢ଼ା ପାଇପାରିବେ । ନବଦିନାତ୍ମକ ରଥଯାତ୍ରା ଉତ୍ସବରେ ଶ୍ରୀଜିଉମାନେ ଗୁଣ୍ଡିଚା ମନ୍ଦିରରେ ସପ୍ତାହେ ବ୍ୟାପୀ ଅବସ୍ଥାନ କରିବେ । ଜନ୍ମବେଦିରେ ଲୀଳା ରଚିବେ । ଯାହାକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାନବୀୟ ଲୀଳାର ଅନ୍ୟ ଏକ ନିଦର୍ଶନ ।

ଅନୁକୂଳ ପାଗ ଯୋଗୁଁ ପୁରୀକୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଶରଧାବାଲିରେ ରଥାରୁଢ଼ ଶ୍ରୀଜୀଉମାନଙ୍କୁ ଦର୍ଶନ କରିଛନ୍ତି ଶ୍ରଦ୍ଧାଳୁ । ପହଣ୍ଡି ସମୟରେ ଘଂଟ ଘଂଟା, ବିଜେ କାହାଳୀ, ଶଙ୍ଖର ଧ୍ୱନୀ ସାଙ୍ଗକୁ ଭକ୍ତଙ୍କ ହରିବୋଲ, ହୁଳହୁଳି ଏବଂ ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହୋଇଉଠୁଛି ଗଗନ ପବନ । ପୁରି ଉଠୁଛି ଶରଧାବାଲି । ରଥ ଉପରେ ସଂନ୍ଧ୍ୟାଧୂପ ପରେ ଆଡ଼ପ ବିଜେ ନୀତି ଆରମ୍ଭ ହୋଇଛି । ପରେ





ରୁନ୍ଧା ନୀତି ବଢି ବଡ ସିଂହାର ବେଶ କରି ପହୁଡ ହୋଇଛି । ଆସନ୍ତା କାଲି ଠାରୁ ଜନ୍ମ ବେଦୀରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ଶ୍ରଦ୍ଧାଳୁ । ରବିବାର ଠାରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରରେ ଆଡ଼ପ ଅବଢ଼ା ଉପଲବ୍ଧ ହେବ । ଶ୍ରୀଜୀଉଙ୍କ ଆଡ଼ପ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି । ଘୋଷଯାତ୍ରାର ଦ୍ୱିତୀୟ ଦିନରେ ଗତକାଲି ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ଅପରାହ୍ନ ୩ଟା ସୁଦ୍ଧା ଲାଗିଥିଲା ଶ୍ରୀ ବଳଭଦ୍ରଙ୍କ ତାଳଧ୍ୱଜ ରଥ, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଏବଂ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ । ତିନି ରଥ ଚତୁଃପାର୍ଶ୍ୱରେ କର୍ଡ଼ନ କରାଯାଇଛି । ସଶସ୍ତ୍ର ପୋଲିସ ବାହିନୀ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ହୋଇଛନ୍ତି ।

ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ ଏବଂ ଆଇନଶୃଙ୍ଖଳା ରକ୍ଷା ପାଇଁ ପୁରୀ ସହରର ବିଭିନ୍ନ ସ୍ଥାନ ସମେତ ବଡଦାଣ୍ଡ, ରଥ ଚାରିପାଖ, ସମୁଦ୍ର କୂଳ ଓ ରେଳଷ୍ଟେସନରେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି ।

### ଅଳ୍ପରେ ଖବର

» ନୂଆପଡ଼ା ଜିଲ୍ଲାର ଖରିଆର ରୋଡ୍ ବିଜ୍ଞାପିତ ଅଂଚଳ ପରିଷଦର ଅଧକ୍ଷା ଶନିବାର ଆଇନ ତଥା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସାକ୍ଷାତ କରି ଗତତ ୪ ବର୍ଷର ରିପୋର୍ଟ କାର୍ଡ ପ୍ରଦାନ କରିଛନ୍ତି ।

» ତିନି ବର୍ଷିଆ ଏଲଏଲବି ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ ହୋଇଛି । ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲକୁ ଯାଇ ତିନି ବର୍ଷିଆ ଏଲଏଲବି ପାଠ୍ୟକ୍ରମ ନିମନ୍ତେ ନିଜର କମନ ଆପ୍ଲିକେସନ ଫର୍ମ ପୂରଣ କରିପାରିବେ ।

» ମହିମା ଧର୍ମର ପ୍ରଖର ସାଧକ ବନ୍ଦନୀୟ ବାବା ରଘୁନାଥ ଦାସଙ୍କ ସମେତ ଅନ୍ୟ ପୂଜ୍ୟ ସନ୍ଥମାନେ ଶନିବାର ରାଜ୍ୟ ଉଚ୍ଚଶିକ୍ଷା ତଥା କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସାକ୍ଷାତ କରିଛନ୍ତି ।

» କୌଣସି ନଦୀରେ ବନ୍ୟା ଆସିବନି ବୋଲି ଜଳସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ ସୂଚନା ଦେଇଛନ୍ତି । ସେ କହିଛନ୍ତି ହୀରାକୁଦରେ ଏବେ ଜଳସ୍ତର ୬୧୦ ଫୁଟ ରହିଛି । ୬୧୪ ଫୁଟ୍ ଜଳସ୍ତର ଟପିଲେ ନିଷ୍କାସନ ପାଇଁ ନିଷ୍ପତି ନିଆଯିବ ।

## ଅଗଷ୍ଟ ୪ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଗଷ୍ଟ ୪ ତାରିଖରେ ଓଡ଼ିଶାକୁ ଦିନିକିଆ ଗସ୍ତରେ ଆସିବେ ବୋଲି କୁହାଯାଉଛି । ଯଦିଓ ରାଷ୍ଟ୍ରପତି ଭବନରୁ



ସରକାରୀ ଯାତ୍ରା ତାଲିକା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ । ସୂତ୍ରରୁ ଜଣାପଡିଛି ଯେ ରାଷ୍ଟ୍ରପତି ଶକ୍ତି ଉପାସନାର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଚିତ ତାରା ତାରିଣୀ ମନ୍ଦିର ଏବଂ ସୁନ୍ଦର ତପ୍ତପାଣି ପାହାଡ଼ ପରିଦର୍ଶନ କରିପାରନ୍ତି । ଗଞ୍ଜାମର ସାନଖେମୁଣ୍ଡି ବ୍ଲକରେ ଅବସ୍ଥିତ ଏହି ତପ୍ତପାଣି ଏହାର ଚିରସ୍ଥାୟୀ ଉଷ୍ମ ପ୍ରସ୍ରବଣ ପାଇଁ ସମଗ୍ର ଅଂଚଳରେ ପ୍ରସିଦ୍ଧ । ଯେଉଁଥିରେ ଔଷଧୀୟ ଗୁଣ ଭରପୁର ରହିଥାଏ ବୋଲି ବିଶ୍ୱାସ କରାଯାଏ । ଫଳରେ ଏହା ଅନେକ ଚର୍ମ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହୁଏ । "ରାଷ୍ଟ୍ରପତି ଅଗଷ୍ଟ ୪ ତାରିଖରେ ତପ୍ତପାଣି ପରିଦର୍ଶନ କରିପାରନ୍ତି । ତାଙ୍କ ଗସ୍ତ ସମୟରେ ସେ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟ ସହିତ ଭାବବିନିମୟ କରିବାର ସମ୍ଭାବନା ଅଛି । ସୁରକ୍ଷା ଉପକରଣ, ଟ୍ରାଫିକ୍ ମାର୍ଗ ଏବଂ ଲଜିଷ୍ଟିକ୍ ଆବଶ୍ୟକତାଗୁଡ଼ିକର ମୂଲ୍ୟାଙ୍କନ କରିବା ପାଇଁ ବରିଷ୍ଠ ଅଧିକାରୀଙ୍କ ଏକ ଉଚ୍ଚସ୍ତରୀୟ ଦଳ ସମ୍ପ୍ରତି ତପ୍ତପାଣିରେ ସୁରକ୍ଷା ଯାଂଚ କରିଥିଲେ । ଏଥିରେ ଗଞ୍ଜାମ ଜିଲ୍ଲାପାଳ, ଗଞ୍ଜାମ ଏସପି ଏବଂ ବ୍ରହ୍ମପୁର ଏସପି ପ୍ରମୁଖ ସାମିଲ ଥିଲେ ।

## ଇତିହାସ ରଚିଲା ଭାରତ: ପ୍ରଥମ ଘରୋଇ ରକେଟ ବିକ୍ରମ-୧ର ସଫଳ ଉତ୍କ୍ଷେପଣ

ହାଇଦ୍ରାବାଦ: ଆଜି ଭାରତର ମହାକାଶ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡି ହୋଇଛି । ହାଇଦ୍ରାବାଦ ସ୍ଥିତ ସ୍କାଏରୁଟ ଏରୋସ୍ପେସ ଭାରତର ପ୍ରଥମ ଘରୋଇ କକ୍ଷପଥ ରକେଟ 'ବିକ୍ରମ-୧' ସଫଳତାର ସହ ଉତକ୍ଷେପଣ କରିଛି । ଏହି ମିଶନ କେବଳ ସ୍କାଏରୁଟ ପାଇଁ ନୁହେଁ ବରଂ ସମଗ୍ର ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତଥାପି, ସ୍କାଏରୁଟର ବିକ୍ରମ-୧ର ଉତକ୍ଷେପଣ କିଛି ଯାନ୍ତ୍ରିକ ସମସ୍ୟାର ସମ୍ମୁଖୀନ ହୋଇଥିଲା, ଯାହା ଫଳରେ ବିଳମ୍ବ ହୋଇଥିଲା । ଏହି ଉଲ୍ଲେଖନୀୟ ସଫଳତା ସହିତ, ଭାରତ ବିଶ୍ୱର ତୃତୀୟ ଦେଶ ହୋଇଛି ଯେଉଁଠାରେ ଏକ ଘରୋଇ କମ୍ପାନୀ ସ୍ୱାଧୀନ ଭାବରେ ଏପରି ସଫଳତା ହାସଲ କରିଛି; ଏପର୍ଯ୍ୟନ୍ତ, ଏହି ମାଇଲଖୁଂଟ କେବଳ ଯୁକ୍ତରାଷ୍ଟ୍ର ଏବଂ ଚାଇନାର ଘରୋଇ କମ୍ପାନୀଗୁଡ଼ିକ ଦ୍ୱାରା ହାସଲ କରାଯାଇଥିଲା ।



ଭାରତର ମହାକାଶ କାର୍ଯ୍ୟକ୍ରମର ଜନକ ଡକ୍ଟର ବିକ୍ରମ ସାରାଭାଇଙ୍କ ସମ୍ମାନାର୍ଥେ ଏହି ରକେଟକୁ ବିକ୍ରମ-୧ ନାମ ଦିଆଯାଇଛି । ଏହାକୁ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରେ ଥିବା ଭାରତୀୟ ମହାକାଶ ଗବେଷଣା ସଂଗଠନର ପ୍ରକ୍ଷେପଣ କେନ୍ଦ୍ରରୁ ଉତକ୍ଷେପଣ କରାଯାଇଥିଲା । ପ୍ରାୟ ସାତ ମହଲା ଉଚ୍ଚ ଏହି ରକେଟ ପୃଥିବୀ ପୃଷ୍ଠରୁ ପ୍ରାୟ ୪୫୦ କିଲୋମିଟର ଉଚ୍ଚରେ ଅବସ୍ଥିତ ନିମ୍ନ ପୃଥିବୀ କକ୍ଷପଥ ପର୍ଯ୍ୟନ୍ତ ପହଂଚିବା ପାଇଁ ଡିଜାଇନ କରାଯାଇଛି । ମିଶନର ଉଦ୍ଦେଶ୍ୟ ହେଉଛି ଉପଗ୍ରହଗୁଡ଼ିକୁ ସେମାନଙ୍କର ନିର୍ଦ୍ଦିଷ୍ଟ କକ୍ଷପଥରେ ସ୍ଥାପନ କରିବା । ଏହି ଐତିହାସିକ ସଫଳତା ପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍କାଏରୁଟ ଏରୋସ୍ପେସ ଦଳକୁ ଅଭିନନ୍ଦନ ଜଣାଇବା ପାଇଁ ଫୋନ କରିଥିଲେ, ଏହାକୁ ଭାରତର ବର୍ଦ୍ଧିତ ମହାକାଶ କ୍ଷେତ୍ର ପାଇଁ ଏକ ପ୍ରମୁଖ ସଫଳତା ବୋଲି କହିଥିଲେ । ବିକ୍ରମ-୧ ର ସଫଳତା ସହିତ, ଭାରତ ଘରୋଇ କ୍ଷେତ୍ରର ଅଂଶଗ୍ରହଣ ସହିତ ଏକ କକ୍ଷପଥ ରକେଟ ଉତକ୍ଷେପଣ କରିବାର ସଫଳତା ହାସଲ କରିବାରେ ବିଶ୍ୱର ତୃତୀୟ ଦେଶ ହୋଇଛି । ଏହି ସଫଳତା ଦେଶର ଯୁବପିଢ଼ିଙ୍କୁ ବଡ଼ ସ୍ୱପ୍ନ ଦେଖିବା ଏବଂ ବିଜ୍ଞାନ ଏବଂ ମହାକାଶ କ୍ଷେତ୍ରରେ ଉନ୍ନତି ହାସଲ କରିବାକୁ ପ୍ରେରଣା ଦେବ ।

### ବିକ୍ରମ-୧ର ସ୍କାଏରୁଟ୍ ଟିମ୍‌କୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ଭାରତର ପ୍ରଥମ ଘରୋଇ ବେସରକାରୀ ରକେଟ୍ 'ବିକ୍ରମ-୧'ର ସଫଳ ଉତ୍କ୍ଷେପଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍କାଏରୁଟ୍ ଏରୋସ୍ପେସ୍‌ର ଟିମ୍ ସହ



କଥା ହୋଇ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।ସୋସିଆଲ ମିଡିଆ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, 'ବିକ୍ରମ-୧'ର ସଫଳ ଉତ୍କ୍ଷେପଣ ଭାରତର ମହାକାଶ ଯାତ୍ରାରେ ଏକ ଐତିହାସିକ ମୁହୂର୍ତ୍ତ । ବେସରକାରୀ କ୍ଷେତ୍ରର ବଢୁଥିବା ଅଂଶଗ୍ରହଣ ଦେଶର ମହାକାଶ କ୍ଷେତ୍ରରେ ନୂତନ ସମ୍ଭାବନାର ଦ୍ୱାର ଖୋଲିବା ସହ ନୂତନଜ୍ଞାନ କୌଶଳକୁ ଅଧିକ ଗତି ଦେଉଛି । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ, ଏହି ସଫଳତା ଅସଂଖ୍ୟ ଯୁବପିଢ଼ିଙ୍କୁ ବଡ଼ ସ୍ୱପ୍ନ ଦେଖିବା ଓ ନିର୍ଭୟରେ ନୂତନ ଉଦ୍ଭାବନ କରିବା ପାଇଁ ପ୍ରେରଣା ଯୋଗାଇବ । ସ୍କାଏରୁଟ୍ ଏରୋସ୍ପେସ୍‌ର ଏହି ସଫଳତା ଭାରତର ବେସରକାରୀ ମହାକାଶ କ୍ଷେତ୍ର ପାଇଁ ଏକ ନୂଆ ଅଧ୍ୟାୟ ବୋଲି ସେ ମତ ପ୍ରକାଶ କରିଛନ୍ତି ।

## ନବ ନିଯୁକ୍ତ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଓ ଉପାଧକ୍ଷଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ

### ଲୋକଙ୍କ ସମସ୍ୟା ବୁଝି ପଦକ୍ଷେପ ନେବାକୁ ଦେଲେ ପରାମର୍ଶ

ଭୁବନେଶ୍ୱର : ଆଦିବାସୀମାନଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଭାବେ କାମ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନବନିଯୁକ୍ତ ଅଧକ୍ଷ ଓ ଉପାଧକ୍ଷମାନଙ୍କୁ ପରାମର୍ଶ ଦେଇ କହିଛନ୍ତି । ଶନିବାର ଲୋକସେବା ଭବନ କନଭେନ୍‌ସନ ସେଂଟରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନବନିଯୁକ୍ତ ଅଧକ୍ଷ ଓ ଉପାଧକ୍ଷମାନଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାର




୨୩ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଓ ଉପାଧକ୍ଷମାନେ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ ଧୈର୍ଯ୍ୟର ସହ କାମ କରନ୍ତୁ । ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ଦୃଷ୍ଟିକୁ ସମସ୍ୟା ଆଣନ୍ତୁ । ତା' ସହିତ ବିଭାଗୀୟ ଅଧିକାରୀ ଓ ମନ୍ତ୍ରୀ ମଧ ଆପଣମାନଙ୍କ ବିଭିନ୍ନ ବିଷୟ ଉପରେ ପଦକ୍ଷେପ ନେବେ । ଜିଲ୍ଲା ସ୍ତରରେ ଆପଣମାନେ ଯେଭଳି ଉପଯୁକ୍ତ ସମ୍ମାନର ସହ କାମ କରିବେ, ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି । ସେ କହିଥିଲେ ଆମେ କଥାରେ ନୁହେଁ, କାମରେ ବିଶ୍ୱାସ କରୁ । ନିୟମିତ ଭାବେ କ୍ଷେତ୍ରସ୍ତରରେ ବୁଲି ଲୋକଙ୍କ ସମସ୍ୟା ବୁଝନ୍ତୁ, ସେହି ଅନୁଯାୟୀ ପଦକ୍ଷେପ ନିଅନ୍ତୁ । ଅଧକ୍ଷ ଓ ଉପାଧକ୍ଷମାନଙ୍କୁ ଉପଦେଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶାର ଜନସଂଖ୍ୟାର ଏକ-ଚତୁର୍ଥାଂଶ ହେଉଛନ୍ତି ଜନଜାତି । କିନ୍ତୁ, ଏହି ବର୍ଗର ଲୋକମାନେ ବିକାଶଧାରା ଠାରୁ ବହୁତ ପଛରେ ଅଛନ୍ତି । ତେଣୁ, ଆମେ କିଭଳି ସେହି ଲୋକମାନଙ୍କ ପାଖରେ ବିକାଶର ଚିତ୍ର ପହଂଚାଇପାରିବା ସେଥିପ୍ରତି ନିଷ୍ଠାର ସହ କାମ କରିବା ଉଚିତ । ପଦକ୍ଷେପ ନିଆଯାଇଛି । ଆମ ପାଇଁ ରାଜନୀତି କ୍ଷମତା ଭୋଗ କରିବାର ମାଧମ ନୁହେଁ, ବରଂ ଅନ୍ତିମ ଧାଡିରେ ଥିବା ଗରିବ ଲୋକର ସେବା କରିବାର ମାଧମ, ଯାହାକୁ ଆମେ ଅନ୍ତ୍ୟୋଦୟ କହୁ । ତେଣୁ ଆପଣମାନେ ଅନ୍ତିମ ଧାଡି ପର୍ଯ୍ୟନ୍ତ ପହଂଚି ଲୋକଙ୍କ ପାଇଁ

## ଏପ୍ରିଲରୁ ଜୁନ୍ ମଧରେ ଏକାସାଙ୍ଗରେ ହୋଇପାରେ ପଂଚାୟତ ଓ ପୌର ନିର୍ବାଚନ

ଭୁବନେଶ୍ୱର: ପଂଚାୟତ ଓ ପୌର ନିର୍ବାଚନକୁ ନେଇ ବଡ଼ ଘୋଷଣା । ୨୦୨୭ ଏପ୍ରିଲରୁ ଜୁନ୍ ମାସ ମଧରେ ହେବ ପଂଚାୟତ ଓ ପୌର ନିର୍ବାଚନ । ଉଭୟ ପଂଚାୟତ ଓ ପୌର ଭୋଟ୍ ଏକାସାଙ୍ଗରେ ହେବ । ରାଜ୍ୟରେ ଜନଗଣନା କାର୍ଯ୍ୟ ଶେଷ ହେବା ପରେ ପଂଚାୟତ ଓ ପୌର ନିର୍ବାଚନ କରାଯିବ । ଏଥିପାଇଁ ରାଜ୍ୟ ନିର୍ବାଚନ ଆୟୋଗ ପ୍ରସ୍ତୁତି ଆରମ୍ଭ କରିଛି । ଏହା ପୂର୍ବରୁ ପୌରାଧକ୍ଷ ପଦ ପାଇଁ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି । ସଂରକ୍ଷଣ ତାଲିକା ପ୍ରକାଶ ପରେ ଡୋର-ଟୁ-ଡୋର୍ ସର୍ଭେ କରାଯିବ । ଏନ୍‌ଏସି ଅଂଚଳରେ ପ୍ରତ୍ୟେକ ୱାର୍ଡ ପାଇଁ ଗୋଟିଏ ଲେଖାଏଁ ମତଦାନ କେନ୍ଦ୍ର ବ୍ୟବସ୍ଥା କରାଯିବ । ପୌର ନିର୍ବାଚନ ପାଇଁ ବର୍ତ୍ତମାନ ୧୨ ହଜାର ଇଭିଏମ୍ ଉପଲବ୍ଧ ଥିବାବେଳେ, ଆଉ ୬ ହଜାର ନୂଆ



ଇଭିଏମ୍ ଅର୍ଡର କରାଯାଇଛି । ଏହାସହ ବାଲଟ୍ ପେପର, ପରିବହନ ବ୍ୟବସ୍ଥା ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ପାଇଁ ମଧ ପ୍ରସ୍ତୁତି ଚାଲିଛି । ରାଜ୍ୟ ନିର୍ବାଚନ ଆୟୋଗ ସୂଚନା ଦେଇଛି ଯେ, ମାର୍ଚ୍ଚ ମାସରେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବ । ଅକ୍ଟୋବର ମାସରୁ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଆରମ୍ଭ ହେବ । ଏଥର ରାଜ୍ୟର ୧୪୩ଟି ପୌର ସଂସ୍ଥା, ଅର୍ଥାତ୍ ମ୍ୟୁନିସିପାଲ୍ କର୍ପୋରେସନ୍, ପୌରପାଳିକା ଓ ଏନ୍‌ଏସିରେ ନିର୍ବାଚନ ହେବ । ସମ୍ବଲପୁର ମହାନଗର ନିଗମ ନିର୍ବାଚନକୁ ନେଇ ହାଇକୋର୍ଟରେ ଚାଲିଥିବା ମାମଲାର ସମାଧାନ ହୋଇସାରିଛି ଏବଂ ସମ୍ପର୍କିତ ଆଦେଶ ମଧ ପ୍ରକାଶ ପାଇଛି । ଏହି ସୂଚନା ରାଜ୍ୟ ନିର୍ବାଚନ ଆୟୋଗର ସଚିବ ସନ୍ତୋଷ କୁମାର ଦାଶ ଦେଇଛନ୍ତି ।




# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ରାଜ୍ୟ ସଂହତି ଶିବିର ଉଦ୍‌ଘାଟିତ

ବାଲେଶ୍ୱର(ନି.ପ୍ର.) : ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପ୍ରଯୋଜିତ ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ବ୍ୟୁରୋର ଆନୁକୂଲ୍ୟରେ ଆୟୋଜିତ ପାଂଚଦିନିଆ ରାଜ୍ୟ ସଂହତି ଶିବିର ଶୁକ୍ରବାର ଦିନ ଉଦ୍ ?ଘାଟିତ ହୋଇଯାଇଛି ।ଏହି ଅବସରରେ ଆୟୋଜିତ ଉଦ୍ ?ଘାଟନୀ ସମାରୋହରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ଜାତୀୟ ସେବା ଯୋଜନା ମାଧ୍ୟମରେ ଯୁବପିଢ଼ିଙ୍କ ନେତୃତ୍ୱ ବିକାଶ, ସାମାଜିକ ଦାୟିତ୍ୱବୋଧ ଓ ରାଷ୍ଟ୍ର ଗଠନରେ ସେମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । 'ସଠିକ୍ ନେତୃତ୍ୱ ହିଁ ସମାଜ ବିକାଶର ପ୍ରମୁଖ ମାଧ୍ୟମ' ବୋଲି ସେ ମତ ପ୍ରକାଶ କରିଥିଲେ ।ପ୍ରାକ୍ତନ ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ଼କ୍ଟର ପ୍ରତିମା ପ୍ରଧାନ କାର୍ଯ୍ୟକ୍ରମର




ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ରାଜ୍ୟ ସଂହତି ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିବାବେଳେ ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ ।ସମ୍ମାନିତ ଅତିଥି ଭାବେ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ, କୁଳସଚିବ ଶ୍ରୀମତୀ କୁକୁମୀନା ଦାସ ଏବଂ ପରୀକ୍ଷା ନିୟନ୍ତ୍ରକ ଡ଼କ୍ଟର କମଳକାନ୍ତ ଜେନା ଯୋଗଦେଇ ଜାତୀୟ ସଂହତି, ସାମାଜିକ ସେବା ଓ ରାଷ୍ଟ୍ର ଗଠନରେ ଯୁବଶକ୍ତିର ଭୂମିକା ଉପରେ ମତବ୍ୟକ୍ତ କରିଥିଲେ ।ଏହି ଶିବିରରେ ଓଡ଼ିଶାର ୧୩ଟି ବିଶ୍ୱବିଦ୍ୟାଳୟରୁ ପ୍ରାୟ ୨୦୦ ଜଣ ସ୍ୱେଚ୍ଛାସେବୀ ଓ ସେମାନଙ୍କର କାର୍ଯ୍ୟକ୍ରମ ଅଧିକାରୀଗଣ ଅଂଶଗ୍ରହଣ କରିଛନ୍ତି । ଜୁଲାଇ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ନେତୃତ୍ୱ ବିକାଶ, ଜାତୀୟ ସଂହତି, ସାମାଜିକ ଗଣମାଧ୍ୟମର ଅପବ୍ୟବହାର ଓ ଏହାର କୁପ୍ରଭାବ, ଯୋଗ ଓ ସ୍ୱାସ୍ଥ୍ୟ ସୁରକ୍ଷା, ସଡ଼କ ଓ ସାଇବର ସୁରକ୍ଷା, ମାନସିକ ସ୍ୱାସ୍ଥ୍ୟ ପରିଚାଳନା, ସ୍ୱଚ୍ଛ ଭାରତ ଅଭିଯାନ, ସଚେତନତା ଶୋଭାଯାତ୍ରା, ସାହିତ୍ୟିକ ଓ ସାଂସ୍କୃତିକ ପ୍ରତିଯୋଗିତା ସହ ବିଭିନ୍ନ ସାଂସ୍କୃତିକ ଭାବବିନିମୟ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ପ୍ରଫେସର ଆଚାର୍ଯ୍ୟ ସୂଚନା ଦେଇଥିଲେ ।ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ଡ଼କ୍ଟର ଅଭୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



୫୦ବର୍ଷ ପୂର୍ତ୍ତି ସୁବର୍ଣ୍ଣଜୟନ୍ତୀ ଅବସରରେ ମୋତିଗଂଜ ବାଂଠିଆ ଜଗନ୍ନାଥ ମନ୍ଦିରର ମହାପ୍ରଭୁ ସିନେମାଛକ ସ୍ଥିତ ଦୁର୍ଗାମପଣ୍ଡ ମାଉସୀମା ମନ୍ଦିରରେ ମତ୍ସ୍ୟ ଓ କଚ୍ଛପ ଭେଶ ଧାରଣ କରିଛନ୍ତି । (ଫଟୋ-ଦେବବ୍ରତ)

## ଇମାମି ନଗର ଗୁଣ୍ଡିଚା ମେଳାର ଦ୍ୱିତୀୟ ଦିନରେ ଅନୁଷ୍ଠିତ ହେଲା ରାସଲୀଳା ଓ ଓଡ଼ିଶୀ ନୃତ୍ୟ

ବାଲେଶ୍ୱର, (ନି.ପ୍ର.): ରେମୁଣା ବାଲଗୋପାଳପୁର ସ୍ଥିତ ଇମାମି ନଗର ଶ୍ରୀ ଗୁଣ୍ଡିଚା ମନ୍ଦିର ମେଳାପଡ଼ିଆରେ ରଥ ଉତ୍ସବର ଦ୍ୱିତୀୟ ଦିନ ଗୁରୁବାର ଭକ୍ତି, ସଂସ୍କୃତି ଓ ସେବାର ଅଦ୍ୱିତୀୟ ସମନ୍ୱୟରେ ପାଳିତ ହୋଇଯାଇଛି । ମହାପ୍ରଭୁଙ୍କ ଦର୍ଶନ ଓ ମହାପ୍ରସାଦ ଲାଭ ପାଇଁ ସକାଳୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଉତ୍ସବର ଉଦଘାଟନୀ ସମାରୋହରେ ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର ଏବଂ ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ସେମାନେ ଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ ।ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସକାଳ ୧୦.୩୦ରୁ ୧୨.୦ ପର୍ଯ୍ୟନ୍ତ ମନ୍ତ୍ରୋଚ୍ଚାରଣ ସହ ତୁଳସୀ ଅଭିଷେକ ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ୩.୩୦ରୁ



୫.୦ ପର୍ଯ୍ୟନ୍ତ ଭଜନ ମଣ୍ଡପରେ ରଙ୍ଗୋଲି ପ୍ରଦର୍ଶନୀ ଆୟୋଜିତ ହୋଇ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।

ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ମେଳାର ମୁଖ୍ୟ ଆକର୍ଷଣ ପାଲଟିଥିଲା । ସନ୍ଧ୍ୟା ୫ରୁ ୬ ପର୍ଯ୍ୟନ୍ତ ଗଣେଶ ବନ୍ଦନାର ଭକ୍ତିମୟ ସଙ୍ଗୀତ ପରିବେଶକୁ ଆଧ୍ୟାତ୍ମିକତାରେ ଭରିଦେଇଥିଲା । ଏହାପରେ ଓଡ଼ିଶୀ ନୃତ୍ୟଗୁରୁ ସୁଜାତା ମହାପାତ୍ର ଓ ତାଙ୍କ ଦଳଙ୍କ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।କାର୍ଯ୍ୟକ୍ରମର ସର୍ବାଧିକ ଚର୍ଚ୍ଚିତ ଅଂଶ ଥିଲା ହରିଦ୍ୱାରୁ ଆସିଥିବା ଏକ ପ୍ରତିଷ୍ଠିତ କଳାସଂସ୍ଥା ଦ୍ୱାରା ପରିବେଷିତ ରାସଲୀଳା । ଶ୍ରୀକୃଷ୍ଣଙ୍କ ଦିବ୍ୟ ଲୀଳା ଉପରେ ଆଧାରିତ ଏହି ପ୍ରସ୍ତୁତିରେ ସୁମଧୁର ସଙ୍ଗୀତ, ଭାବପୂର୍ଣ୍ଣ ଅଭିନୟ ଓ ନୃତ୍ୟର ସମନ୍ୱୟ ଦର୍ଶକଙ୍କୁ ଆଧ୍ୟାତ୍ମିକ ଆନନ୍ଦରେ ଭସାଇ ଦେଇଥିଲା ।ରାତ୍ରି ୮.୪୫ରେ ଗଭୀର ଭକ୍ତି ଓ ଶାନ୍ତିପୂର୍ଣ୍ଣ ପରିବେଶ ମଧ୍ୟରେ ଶୟନ ଆରତି ସମ୍ପନ୍ନ ହୋଇଥିଲା । ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ସୁରକ୍ଷା ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ଓ ପ୍ରସାଦ ବିତରଣର ସୁଚାରୁ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି ।

## ବାଲେଶ୍ୱର ପ୍ରେସ୍ କ୍ଲବର ନିର୍ବାଚନ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.)ଶୁକ୍ରବାର ଦିନ ମଧ୍ୟାହ୍ନ ସମୟରେ ବାଲେଶ୍ୱର ପ୍ରେସ କ୍ଲବର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନ ଅଧିକାରୀଭାବେ ବରିଷ୍ଠ ସାମ୍ବାଦିକ ଲାଭା ପାଣ୍ଡେ ଯୋଗଦେଇ ନିର୍ବାଚନ ପରିଚାଳନା କରିଥିଲେ । ନିର୍ବାଚନରେ ସଭାପତି ଭାବେ ବିପ୍ଳବ କୁମାର ମହାନ୍ତି, ଉପସଭାପତି ଭାବେ ହିମାଂଶୁ ଦାସ ଓ ରତିକାନ୍ତ ପାତ୍ର, ସାଧାରଣ ସମ୍ପାଦକଭାବେ ରଂଜନ କୁମାର ବାଗ୍, ସମ୍ପାଦକ ଭାବେ ଗୋବିନ୍ଦ ରାଠୀ ଓ ମନୋଜ



କୁମାର ବିଶ୍ୱାଳ, ଅଫିସ ସମ୍ପାଦକ ଭାବେ ଆଶୁତୋଷ ମଲ୍ଲିକ, ସଂଗଠନ ସମ୍ପାଦକ ଭାବେ ମହମ୍ମଦ ହାଇଦର ଖାନ୍, କୋଷାଧ୍ୟକ୍ଷଭାବେ ସପନ ବିଶ୍ୱାଳ ନିର୍ବାଚିତ ହୋଇଥିଲେ । ସେହିପରି କାର୍ଯ୍ୟକାରୀ କମିଟିର ସଦସ୍ୟଭାବେ ଲାଭା ପାଣ୍ଡେ, ମୃତ୍ୟୁଞ୍ଜୟ ପଟ୍ଟନାୟକ, ଶିବଶଙ୍କର ଭୋଇ, ଅଧିପ କୁମାର ଜେନା, ବାଞ୍ଛାନିଧି ଦେ, ରମଣୀ ରଂଜନ ଦାସ, ଭବାନୀ ଶଙ୍କର ବେହେରା, କରୁଣାକର ସାହୁ, ଅଜିତ୍ ମୁଖାର୍ଜୀ ,ପ୍ରସନ୍ନ ଜିତ ଆଶ, ସତ୍ୟମ ଦାସ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା । ପ୍ରେସ କ୍ଲବର ଉପଦେଷ୍ଟା ଭାବେ ଦେଶପ୍ରିୟ ଦାଶ, ଦେବାଶିଷ ଦାସଗୁପ୍ତ, ବଂଶୀଧର ଜେନା, ଅମିୟ ରଂଜନ ମହାନ୍ତି ପ୍ରମୁଖ ମନୋନୀତ ହୋଇଛନ୍ତି । ଏହି ନିର୍ବାଚନ ସମୟରେ ସୁମନା ପରିଡ଼ା, ଜୀବନଜ୍ୟୋତି ନାୟକ,ଚକ୍ରଧର ସାହୁ, ଜିତେନ୍ଦ୍ର ଛାଟୋଇ, ପ୍ରସନ୍ନ ଜିତ ସେଠୀ, ଗଣେଷ ସେଠୀ ଏବଂ ଅବିନାଶ ଠାକୁର ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ସିପିଆଇ ଏମ୍ ତରଫରୁ ବିକ୍ଷୋଭ

ବାଲେଶ୍ୱର(ନି.ପ୍ର.) ଶନିବାର ସିପି ଆଇ (ଏମ )ରେମୁଣା ଆଂଚଳିକ କମିଟି ତରଫରୁ ସିପି ଆଇ (ଏମ )ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ କ :ପ୍ରେମ ରଞ୍ଜନ ପାତ୍ର ଙ୍କ ନେତୃତ୍ୱ ରେ ଏକ ପ୍ରତିନିଧି ଦଳ ରେମୁଣା ତହସିଲଦାର ଙ୍କ ଜରିଆରେ ମୁଖ୍ୟ ମନ୍ତ୍ରୀ ଓ ରାଷ୍ଟ୍ରପତି ଙ୍କୁ ଦାବୀ ପତ୍ର ଦେଇଥିଲେ ।ପ୍ରଥମରୁ ଅଷ୍ଟମ ଶ୍ରେଣୀର




ପାଠ୍ୟପୁସ୍ତକରେ ପ୍ରାୟ ୧୬୭୮ଟି ତ୍ରୁଟି ଏବଂ ୫୫ଟି ପାଠ୍ୟ ପୁସ୍ତକରେ ଅନାବଶ୍ୟକ ବିଷୟ ପ୍ରକାଶ ପାଇଥିବା ଘଟଣାର ତୀବ୍ର ନିନ୍ଦା, ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା, ଶିକ୍ଷା ସଚିବଙ୍କ ବଦଳି, ଦାୟୀ ଅଧିକାରୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ତୁରନ୍ତ ସଂଶୋଧନ ପାଇଁ ସ୍ମାରକପତ୍ର ।ସି.ପି.ଆଇ.(ଏମ୍) ରେମୁଣା ଆଂଚଳିକ କମିଟି ପକ୍ଷରୁ ଆମେ ଗଭୀର ଉଦ୍ ?ବେଗ, କ୍ଷୋଭ ଓ ତୀବ୍ର ନିନ୍ଦା ସହ ଜଣାଉଛୁ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ଇସ୍ତଫା ଦିଅ, ଜାତୀୟ ପରୀକ୍ଷା ଏଜେନସି(ଘଞ୍ଜଇ)କୁ ବିଲୋପ କର ଏବଂ ଜାତୀୟ ଶିକ୍ଷା ନୀତି ୨୦୨୦କୁ ବାତିଲ କରିବା ଦାବୀ ରେ ଦିଲ୍ଲୀ ଯନ୍ତର ମନ୍ତର ରେ ଅନଶନ କରୁଥିବା ସୋନମ ୱ୍ୟାଙ୍ଗଚୁଙ୍ଗ ଙ୍କ ସ୍ୱାସ୍ଥ୍ୟ ଅବନତି ହେଉଥିବା ନେଇ ଗଭୀର ଚିନ୍ତା ର ବିଷୟ କୁ ରାଷ୍ଟ୍ରପତି ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ । ଏଥିରେ ପୂର୍ବତନ ସରପଂଚ ରେମୁଣା,ଶ୍ରୀ ପ୍ରଶନ ଷଡଙ୍ଗୀ, ମୁଖୁରା ପୂର୍ବ ତନ ସରପଂଚ ଷ୍ଟାଲିନ ମିଶ୍ର, ମଂଟୁ ନାୟକ, ସେକ ଆଲ୍ଲାବୁଦ୍ଦିନ, ସିକନ୍ଦର ଖାଁ, ସୁଦର୍ଶନ ଆଚାର୍ଯ୍ୟ, କରିସ୍ମା ଗିରି, ଜୟକୃଷ୍ଣ କମିଳା ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ: ଆତ୍ମହତ୍ୟା ନା ହତ୍ୟା ?

ବାଲେଶ୍ୱର (ନି.ପ୍ର.) ବାଲେଶ୍ୱରରେ ଯୁବ ଇଞ୍ଜିନିୟର ରଶ୍ମିରଞ୍ଜନ ସେଠୀଙ୍କ ମୃତ୍ୟୁକୁ ନେଇ ରହସ୍ୟ ଘନୀଭୂତ ହୋଇଛି । ପରିବାରର ଅଭିଯୋଗ, ଏହା ଆତ୍ମହତ୍ୟା ନୁହେଁ ବରଂ ଯୋଜନାବଦ୍ଧ ହତ୍ୟା । ସ୍ତ୍ରୀଙ୍କ ଜନ୍ମଦିନରେ ସ୍ୱାମୀଙ୍କ ମୃତ୍ୟୁ, ଘଟଣା ପୂର୍ବରୁ ଭଡାଘରକୁ କିଛି ବ୍ୟକ୍ତିଙ୍କ ଆସିବା ଏବଂ ପରକୀୟା ସମ୍ପର୍କକୁ ନେଇ ହୋଇଥିବା ଅଭିଯୋଗ ଘଟଣାକୁ ଆହୁରି ଚର୍ଚ୍ଚାରେ ଆଣିଛି । ତେବେ ଏହି ସବୁ ଅଭିଯୋଗର ତଦନ୍ତ ଜାରି ରହିଥିବା ବେଳେ ପୋଲିସ କହିଛି, ତଦନ୍ତ ପରେ ହିଁ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ।




ପ୍ରେମରୁ ବିବାହ, ଆଉ ବିବାହର ତିନି ବର୍ଷ ପୂର୍ବରୁ ହିଁ ସ୍ୱାମୀଙ୍କ ରହସ୍ୟମୟ ମୃତ୍ୟୁ । ଜଗତସିଂହପୁରର ଯୁବ ଇଞ୍ଜିନିୟର ରଶ୍ମିରଞ୍ଜନ ସେଠୀ କଟକରେ ଚାକିରି କରୁଥିଲେ । ସ୍ତ୍ରୀଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇବାକୁ ବାଲେଶ୍ୱର ଆସିଥିଲେ । କିନ୍ତୁ ସେହି ରାତିରେ ସ୍ତ୍ରୀ ରହୁଥିବା ଭଡାଘରରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ପରିବାରର ଅଭିଯୋଗ



ଅନୁସାରେ ରାତି ୧୦ଟାରୁ ୧୧ଟା ମଧ୍ୟରେ ୮ରୁ ୧୦ ଜଣ ବ୍ୟକ୍ତି ଘରକୁ ଆସିଥିଲେ । ପରେ ଅସୁସ୍ଥ ଥିବା କହି ତାଙ୍କୁ ମେଡିକାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଘଟଣାକୁ ଆହୁରି ରହସ୍ୟମୟ କରୁଛି ମୃତକଙ୍କ କାନ ପାଖରେ ଥିବା କ୍ଷତ ଚିହ୍ନ । ସେପଟେ ମୃତକଙ୍କ ବନ୍ଧୁ ଓ ପରିବାର ପକ୍ଷରୁ ପରକୀୟା ସମ୍ପର୍କକୁ ନେଇ ଗୁରୁତର ଅଭିଯୋଗ କରାଯାଇଛି । ସେମାନଙ୍କ ଅଭିଯୋଗ ଅନୁସାରେ, ଏହି ଦିଗକୁ ମଧ୍ୟ ପୋଲିସ ଗୁରୁତ୍ୱ ଦେଇ ତଦନ୍ତ କରିବା ଆବଶ୍ୟକ । ଏନେଇ ମୃତକଙ୍କ ସହକର୍ମୀମାନେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ନ୍ୟାୟ ଦାବି କରିଛନ୍ତି । ଅନ୍ୟପଟେ ସହଦେବଖୁଂଟା ଥାନାରେ ମାମଲା ରୁଜୁ ହେବା ପରେ ପୋଲିସ ଓ ସାଇଂଟିଫିକ୍ ଦଳ ସହ ଘଟଣାସ୍ଥଳର ଯାଂଚ, ସିସିଟିଭି ଫୁଟେଜ୍ ଓ ଶବବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ତଦନ୍ତ ଜାରି ରଖିଛି ।ତେବେ ଯୁବ ଇଞ୍ଜିନିୟର ରଶ୍ମିରଞ୍ଜନ ସେଠୀଙ୍କ ମୃତ୍ୟୁ ପଛରେ ପ୍ରକୃତ କାରଣ କଣ, ତାହା ପୋଲିସ ତଦନ୍ତ ଏବଂ ଶବବ୍ୟବଚ୍ଛେଦ ରିପୋର୍ଟ ପରେ ହିଁ ସ୍ପଷ୍ଟ ହେବ ।

## ନାବାଳିକାଙ୍କୁ ଗର୍ଭବତୀ କରିବା ମାମଲାରେ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ବାଲେଶ୍ୱର,(ନି.ପ୍ର.) : ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରି ଗର୍ଭବତୀ କରିବା ମାମଲାରେ ବସ୍ତା ଥାନା ଅଂଚଳର ଦେବ ହାସଦାଙ୍କୁ ଆଜି ଆଡହକ୍ ଫାଷ୍ଟ ଟ୍ରାକ୍ ପୋକ୍ସୋ ଅଦାଲତ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି । ଜରିମାନା ଅନାଦେୟ ହେଲେ ତାଙ୍କୁ ଅତିରିକ୍ତ ୬ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ।ଆଡହକ୍ ଫାଷ୍ଟ ଟ୍ରାକ୍ ପୋକ୍ସୋ ବିଚାରପତି ଅନୀତା ସାହୁ ୬୮ଟି ଦଲିଲ ଓ ୧୮ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଏହି ରାୟ ପ୍ରକାଶ କରିଛନ୍ତି । ସେହିପରି ପୀଡ଼ିତାଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି ।

ସୂଚନାନୁସାରେ, ପୀଡ଼ିତା ଶିମ୍ଳାଂଚଳ ଥାନା ଅନ୍ତର୍ଗତ ଅଙ୍ଗାରଗଡ଼ିଆ ଅଂଚଳର ବାସିନ୍ଦା । ଶୈଶବରେ ବାପା-ମାଆଙ୍କୁ ହରାଇବା ପରେ ବସ୍ତା ଅଂଚଳର ଜଣେ ଦମ୍ପତି ତାଙ୍କୁ ପାଳିତା କନ୍ୟା ଭାବେ ଲାଳନ-ପାଳନ କରୁଥିଲେ । ଅଭିଯୁକ୍ତ ଦେବ ହାସଦା ସେହି ଗ୍ରାମରେ ଏକ ଦୋକାନ ଚଳାଉଥିଲେ । ଦୋକାନକୁ ଯିବା ସମୟରେ ସେ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ନିଜ ଘରେ ରନ୍ଧାବଢ଼ା କାମ କରିବାକୁ କହିଥିଲେ । ପରେ ସେହି ସୁଯୋଗର ଫାଇଦା ଉଠାଇ ବାରମ୍ବାର ତାଙ୍କ ସହ ଦୁଷ୍କର୍ମ କରିଥିଲେ, ଫଳରେ ନାବାଳିକା ୬ ମାସର ଗର୍ଭବତୀ ହୋଇଥିଲେ ।ଘଟଣା ଜଣାପଡ଼ିବା ପରେ ୨୦୨୧ ମସିହା ନଭେମ୍ବରରେ ପୀଡ଼ିତା ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହା ଆଧାରରେ ପୁଲିସ କେସ୍ ? ନଂ-୩୦୩/୨୧ ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ପରବର୍ତ୍ତୀ ସମୟରେ ମାମଲାଟି ପୋକ୍ସୋ ଅଦାଲତରେ ବିଚାରାଧୀନ ଥିଲା । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ରମାକାନ୍ତ ପରିଡ଼ା ମାମଲା ପରିଚାଳନା କରିଥିଲେ ।

## ସାଆନ୍ତାରେ ରଥଯାତ୍ରା ପାଳିତ

ବାଲେଶ୍ୱର(ନି.ପ୍ର.): ସେରଗଡ଼ ସାଆନ୍ତାରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଭକ୍ତମାନେ ଶ୍ରୀମନ୍ଦିରରୁ ୧୯ ନଂ ରାଜପଥ ଦେଇ ରଥକୁ ମହାନନ୍ଦରେ ଟାଣିଟାଣି ମାଉସୀମା ମନ୍ଦିରରେ ପହଂଚାଇଥିଲେ । ପ୍ରସାଦ ବିତାରଣ , ଭଜନ କୀର୍ତ୍ତନ କାର୍ଯ୍ୟକ୍ରମ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କାହ୍ନୁ ଚରଣ ନନ୍ଦୀ, କରୁଣାକର ବେହେରା,



ମୁନା ସ୍ୱାଇଁ, ଲକ୍ଷ୍ମୀଧର ମଲ୍ଲିକ, ବଂଶୀଧର ଦାସ, ମହେନ୍ଦ୍ର ମହାନ୍ତି, ସୁବ୍ରତ ଦାସ, କାର୍ତ୍ତିକ ମହାନ୍ତି, ଗଣେଶ ମହାନ୍ତି, ମିନାକ୍ଷୀ ନନ୍ଦୀ, ସ୍ନେହଲତା ନନ୍ଦୀ, ତୁଙ୍ଗ ମହାନ୍ତି, କୃଷ୍ଣଚନ୍ଦ୍ର ନନ୍ଦୀ ପ୍ରମୁକ ପରିଚାଳନାରେ ସହଯୋଗ କରିଥିଲେ ।



ଜିଲ୍ଲାପାଳଙ୍କ ବଟବୃକ୍ଷ ତଳେ ଓଡ଼ିଶାର ପୂର୍ବତନ ସଂସ୍କୃତି ବିଭାଗମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସାକ୍ଷାତ ପାଇଁ ଅପେକ୍ଷା କରିଛନ୍ତି ଜିଲ୍ଲାପାଳଙ୍କୁ । (ଫଟୋ-ବଟବୃକ୍ଷ ସୁରକ୍ଷା ମଂଚ)





# ଲକ୍ଷାଧିକ ଭକ୍ତଙ୍କ ସମାଗମରେ ଜନ୍ମବେଦୀରେ ପହଁଚିଲେ ତିନି ଠାକୁର



ନୀଳଗିରି, (ନି.ପ୍ର.) ବାଲେଶ୍ୱର ଜିଲ୍ଲା ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ର ରେ ତିନିଠାକୁର ଘୋଷଯାତ୍ରା ଶେଷଦିନ ରେ ପାରମ୍ପରିକ, ରୀତିନୀତି ଅନୁସାରେ ଅପରାହ୍ନରେ ୪ଟା ସମୟରେ ଭଜନ, କୀର୍ତ୍ତନ, ଘଂଟ ଘଂଟା,ଶଙ୍ଖ ଧ୍ୱନି,ହୁଳହୁଳି, ଭେରି ତେରୀ ଓ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ହରିବୋଲ, ଜୟ ଜଗନ୍ନାଥ ଧ୍ୱନୀରେ ବଡ଼ଦାଣ୍ଡ ପ୍ରକମ୍ପିତ ହୋଇଥିଲ ।ଗତକାଲି ପ୍ରଥମଦିନ ଅବସରରେ ଭକ୍ତ ମାନେ ଶ୍ରୀମନ୍ଦିର ନିକଟରୁ ରଥଟାଣି ଅଧାରାସ୍ତା ତଥା ବଡଦାଣ୍ଡ ସବପୋଷ୍ଟ ଅଫିସ ସମ୍ମୁଖରେ ପହଂଚାଇ ଥିଲେ । ନୀଳଗିରିର ଆଦିସେବକ ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନ ରଥଟଣାର ପ୍ରଥମେ ଶୁଭାରମ୍ଭ କରିଥିଲେ । ଆଜି ୨ୟଦିନ ଘୋଷଯାତ୍ରାଅପରାହ୍ନ ୪ଟାରେ ସବପୋଷ୍ଟ ଅଫିସ ରୁ ରଥ ଟଣା ଆରମ୍ଭ ହୋଇ ମାଉସୀ ଘରେ ପହଁଛି ଛନ୍ତି । ଝିପି ଝିପି ବର୍ଷା ସ୍ୱତେ ଭକ୍ତ ମାନେ ମହା ଆନନ୍ଦ ରେ ତିନି ଠାକୁରଙ୍କୁ ଟାଣି ନେବାର ଦୃଶ୍ୟ ଅତି ମନୋରମ ଥିଲା ।ରଥ ଉପରେ ୩ଠାକୁରଙ୍କ ୩ବାଡ଼ଗ୍ରାହୀ,୬ପହଣ୍ଡି ଆସେବାୟତ,୨ପୂଜକ,ଜଣେଚାମର ସେବାୟତ,ଜଣେତୁରୀ ସେବକ,୪ଘଂଟୁଆ, ମାଜିଷ୍ଟ୍ରେଟ ଭାବେ ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା ରଥ ଚାଲିବା ପାଇଁ ପତାକା ଦେଖାଇ ରଥ ଚାଲିବା ପାଇଁ ସଂକେତ ଦେବା ପରେ ରଥ ଆଗକୁ ବଢୁଥିଲା । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥଉପର ରେ ରହି ରଥ କାର୍ଯ୍ୟ ପରିଚାଳନା କରିଥିଲେ । ଡ଼. ପ୍ରଦୀପ୍ତ ମିଶ୍ର, ଶକ୍ତିପଦ ମିଶ୍ର ପ୍ରବଚକ ଭାବେ ମହାପ୍ରଭୁଙ୍କ ଧାରା ବିବରଣୀ ଦେଉଥିଲେ ।ରଥ ସମ୍ମୁଖରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଭିନ୍ନ ଭିନ୍ନ କଳା କୌଶଳ ପ୍ରଦର୍ଶନ କରାଯାଇଥିଲା ।ରଥଟଣା ଅନ୍ତିମ ଦିନରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ଚିତରଞ୍ଜନ ଷଡ଼ଙ୍ଗୀ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଉପ-ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ,ସହକାରୀ ଜିଲ୍ଲା ପାଳ ରଂଜନ ସେନାପତି ଭାରପ୍ରାପ୍ତ ତହସିଲଦାର ଶୁଭଶ୍ରୀ ଜେନା, ପିଡବ୍ଲୁଡି ଏସି ଇଂ ମାନସ ସେଠୀ, ଅତିରିକ୍ତ ତହସିଲଦାର ପ୍ରଦୀପ ଦାସ, ପିଡବ୍ଲୁ ଡି ଏସ ଡ଼ିଓ ଇଂ ଶ୍ରୀନିବାସ ଜେନା,ସାଂସଦ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ,ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତାପସ ମହାନ୍ତି, ଦେବାଶିଶ୍ ଆଚାର୍ଯ୍ୟ, ଏସଡ଼ିପିଓ ତଥା ଅତିରିକ୍ତ ଏସ ପି ପ୍ରମୋଦ ମଲିକ, ଆଇଆଇସି ଗୋବର୍ଦ୍ଧନ ନାୟକ, ଅତିରିକ୍ତ ଏସିପି ପରେଶ ରାଉତ, ଅତିରିକ୍ତ ଏସପି ନିରଂଜନ ବେହେରା,୪ ଆଇଆଇସି, ୧୪ଜଣଏସଆଇ ଓ ଏସଆଇ ଓ ୮ପ୍ଲାଟୁନ ଫୋର୍ସ ଓ ହୋମ ଗାର୍ଡ ନିୟୋଜିତ ହୋଇଥିଲେ । ଶ୍ରଦ୍ଧାଳୁଙ୍କ ଭିଡ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ନିୟୋଜନ କରାଯାଇଥିଲା ।ନୀଳଗିରି ଅଗ୍ନି ଶ୍ରମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ନୀଳଗିରି ଘୋଷ ଯାତ୍ରା ରେ ମହାବୀର ସଙ୍ଘଠନ, ନୀଳଗିରିମହିଳା କଲେଜଏନେଏସଏସ ଛାତ୍ରୀ, କେସି ହାଇସ୍କୁଲ ଏନସିସିଛାତ୍ର, ବିଭିନ୍ନସ୍ୱେଚ୍ଛାସେବୀ ଅନୁଷ୍ଠାନ,ବିଜେଡ଼ି ଓ ଶିଶିର ମହାପାତ୍ର ସଙ୍ଘଠନ ପକ୍ଷରୁ ଭକ୍ତ ପାଇଁ ଖେଚୁଡ଼ି ପ୍ରଦାନ କରାଯାଇଥିବା ବେଳେ ପ୍ରତିବର୍ଷ ଭଳି ସ୍ୱାମୀ ବିବେକାନନ୍ଦ ସଂଗଠନ ପକ୍ଷରୁ ଭକ୍ତ ମାନଙ୍କୁ ସେବା ଯୋଗାଉ ଥିବା ଦେଖିବାକୁ ମିଳିଛି ।ଚଳିତ ବର୍ଷ ଘୋଷ ଯାତ୍ରା ର ୩ଦିନରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନାହିଁ ।ତୃତୀୟ ଶ୍ରୀକ୍ଷେତ୍ର ରେ ରୀତି ନୀତି ପରମ୍ପରା ଅନୁଯାୟୀସନ୍ଧ୍ୟା ୬ଟା ରେ ସନ୍ଧ୍ୟା ଆଳତୀ, ପରେ ଚତୁର୍ଦ୍ଧା ମୂର୍ତି ଭକ୍ତମାନଙ୍କୁ ଦର୍ଶନ ଦେ ଲା ପରେ ରାତି ୧୦ଘଟିକା ରେ ଗୋଟି ପହଣ୍ଡି କରଯାଇ ଜନ୍ମ ବେଦୀକୁ ଚତୁର୍ଦ୍ଧା ନିଆଯାଇ ବଡ଼ସିଂହାର ବେଶ ହେବା ନିଆରା ପରମ୍ପରା ତୃତୀୟ ଶ୍ରୀକ୍ଷେତ୍ର ରେ ରହିଛି । ୩ଟି ରଥ ହୋଇଥିଲା । ପ୍ରଥମ ରଥକୁ ସମସ୍ତ ଭକ୍ତ, ଦ୍ୱିତୀୟ ରଥକୁ ମହିଳା ଭକ୍ତ ଓ ତୃତୀୟ ରଥକୁ ଛୋଟ ଛୋଟ ପିଲା ମାନେ ଟାଣି ଟାଣି ନେଇଥିଲେ ସମସ୍ତ ଭକ୍ତ ।

# ଝାରସୁଗୁଡ଼ା ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ



ଝାରସୁଗୁଡ଼ା,(ନି.ପ୍ର.) ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ଅଧିକ ବ୍ୟବସ୍ଥିତ ଓ ତ୍ୱରାନ୍ୱିତ କରାଯାଇଛି । ଏହି ପରିପ୍ରେକ୍ଷୀରେ, ୦୭-ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ଉପ-ଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଶ୍ରୀଯୁକ୍ତ ସବ୍ୟସାଚୀ ପଣ୍ଡା ଝଓଜ ଅନ୍ତର୍ଗତ ଚାଲିଥିବା ଶୁଣାଣି ପ୍ରକ୍ରିୟାକୁ ତଦାରଖ କରିଛନ୍ତି । ଝାରସୁଗୁଡ଼ା ପୌରାଂଚଳ ଏବଂ ଲାଇକେରା ବ୍ଲକ ପରିସରରେ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେଉଥିବା ଶୁଣାଣି କାର୍ଯ୍ୟକ୍ରମର ସେ ପ୍ରତ୍ୟକ୍ଷ ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା କାଳରେ ଉପ-ଜିଲ୍ଲାପାଳ, ଭୋଟର ତାଲିକାରେ ନୂତନ ନାମ ସାମିଲ କରିବା, ସଂଶୋଧନ କରିବା ଏବଂ ବାଦ୍ ପଡ଼ିଥିବା ଆବେଦନଗୁଡ଼ିକର ସଠିକତା ଯାଂଚ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ବିଶେଷ କରି ଝଓଜ ପ୍ରକ୍ରିୟା ଯେପରି ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ହେବ, ସେଥିପାଇଁ ସେ ଉପସ୍ଥିତ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କୁ ଆବଶ୍ୟକୀୟ ଦିଗ୍ ?ଦର୍ଶନ ଦେଇଛନ୍ତି । କୌଣସି ଯୋଗ୍ୟ ଭୋଟର ଯେପରି ନିଜର ଗଣତାନ୍ତ୍ରିକ ଅଧିକାରରୁ ବଂଚିତ ନ ହୁଅନ୍ତି, ତାହା ନିଶ୍ଚିତ କରିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଛି । ଆଗାମୀ ଦିନରେ ଏହି ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ସହ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଶୁଣାଣି ସମୟରେ ସମ୍ପୃକ୍ତ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଓଡ଼ଗାଁ ବିଜ୍ଞାପିତ ଅଂଚଳ ପରିଷଦର ୫ ପ୍ରକଳ୍ପ ଲୋକାର୍ପିତ



ନୟାଗଡ(ନି.ପ୍ର.) :ଓଡ଼ଗାଁ ବିଜ୍ଞାପିତ ଅଂଚଳ ର ୫ ଟି ପ୍ରକଳ୍ପ ଶୁକ୍ରବାର ଦିନ ଲୋକାର୍ପିତ ହୋଇଛି । ବିଜ୍ଞାପିତ ଅଂଚଳ ପରିଷଦର ନୂତନ କାର୍ଯ୍ୟାଳୟ ସହିତ ଆଖୁପଦର ଠାରେ ନିର୍ମିତ ଶ୍ରୀରାମ କଲ୍ୟାଣମଣ୍ଡପ,୧୫ ନମ୍ବର ୱାର୍ଡ ଜାରିଙ୍ଗି ଠାରେ ୬୫ ଗୋଟି ପ୍ରଧାନମନ୍ତ୍ରୀ ଆବାସ ଗୃହନିର୍ମାଣ, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରର ସମ୍ପ୍ରସାରଣ ଓ ୭ନମ୍ବର ୱାର୍ଡ ଗଣେଶ ବଜାରରେ ୧୮ଗୋଟି ଦୋକାନ ଗୃହର ନବୀକରଣ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପୁରୀ ଲୋକସଭା ସାଂସଦ ଡ଼ଃ ସମ୍ବିତ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁ ଓ ଜିଲ୍ଲାପାଳ ମଧୁମିତା ରଥ ଏବଂ ନିମନ୍ତ୍ରିତ ଅତିଥି ଭାବରେ ଓଡ଼ଗାଁ ତହସିଲଦାର ଡ ମାନସ ରଞ୍ଜନ ଭୋଇ ଓ ବିଡ଼ିଓ ସୁଶ୍ରୀ ପ୍ରୀତିବାଳା ରଣା ଯୋଗଦେଇଥିଲେ ।ବିଜୁ ପଟ୍ଟନାୟକ ସରକାରୀ କଲ୍ୟାଣମଣ୍ଡପ ଠାରେ ଆୟୋଜିତ ଏକ ସଭାରେ ମୁଖ୍ୟଅତିଥି ଓଡ଼ଗାଁକୁ ହୃଦୟରୁ ଭଲ ପାଉଥିବା କହିଥିଲେ ।ଆଜି ଯେଉଁ ପ୍ରକଳ୍ପ ଗୁଡ଼ିକର ଲୋକାର୍ପଣ କରାଯାଇଛି ସେସବୁ ଅତି ଉଚ୍ଚକୋଟିର ବୋଲି ସ୍ୱୀକାର କରିଥିଲେ ।ନୂତନ କାର୍ଯ୍ୟ ଶେ ?ଳୀରେ ଶ୍ରୀରାମ କଲ୍ୟାଣମଣ୍ଡପ ଓ ବିଜ୍ଞାପିତ ଅଂଚଳ ପରିଷଦର ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ କରାଯାଇଛି ।କଲ୍ୟାଣ ମଣ୍ଡପରେ ସମସ୍ତ ପ୍ରକାର ଶୁଭ କାମହେବ କିନ୍ତୁ ଏହାର ରକ୍ଷଣାବେକ୍ଷଣ ଦାୟୀତ୍ୱ ଆମ ସମସ୍ତଙ୍କର ବୋଲି ସହଯୋଗ ଲୋଡ଼ିଥିଲେ ।ମହିଳାମାନେ ବିଭିନ୍ନ ଯୋଜନାମାନ ହାତକୁନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଓଡ଼ଗାଁ ବିଜ୍ଞାପିତ ଅଂଚଳ ପରିଷଦର ବିକାଶ ଘଟିଛି ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହର ତଦାରଖ କରି କର୍ମଚାରୀଙ୍କୁ ପ୍ରଶଂସା କରିଥିଲେ ।ସମ୍ମାନୀତ ଅତିଥି ଡ଼.ସାହୁ ଓଡ଼ଗାଁ ପଂଚାୟତରୁ ଏନ୍ଏସିରେ ପରିଣତ ହୋଇଛି ।ଏଥିପାଇଁ ଅତୀତରେ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି ।ଇଣ୍ଡୋର ଷ୍ଟାଡ଼ିୟମ୍ ଠାରୁ ଆରମ୍ଭକରି ରାମସାଗର ପାର୍କ,ନୂତନ ବସଷ୍ଟାଣ୍ଡ, ରଘୁନାଥ ମନ୍ଦିର,ଦୁତୀକେଶ୍ୱର ମନ୍ଦିର, ଏନ୍ଏସିବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ଆଦି ଅନେକ କାର୍ଯ୍ୟ କରାଯାଇଛି । ଜିଲ୍ଲାପାଳ ମଧୁମିତା ରଥ ଓଡ଼ଗାଁର ବିକାଶକୁ ନେଇ ଗର୍ବ ଅନୁଭବ କରିଥିଲେ ।ସ୍ୱଚ୍ଛତା ଓ ପାରିପାର୍ଶ୍ୱିକ ଅବସ୍ଥା ଅତ୍ୟନ୍ତ ସୁନ୍ଦର ବୋଲି ମତବ୍ୟକ୍ତ କରିଥିଲେ ।ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା ସମସ୍ତ ବିକାଶର ଶ୍ରେୟ ଓଡ଼ଗାଁବାସୀଙ୍କୁ ଦେଇଥିଲେ ।ଏହି ଲୋକାର୍ପଣ ଉତ୍ସବରେ ଏନ୍ଏସିର ସମସ୍ତ କର୍ମଚାରୀ ସହଯୋଗ କରିଥିବା ଜଣାପଡ଼ିଛି ।

# ଶ୍ରୀ ଶ୍ରୀ ଦେବେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ



ବାରିପଦା(ନି.ପ୍ର.) ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୩ ନଂ ୱାର୍ଡ ସ୍ଥିତ ବଳରାମପୁରରେ ଶ୍ରୀ ଶ୍ରୀ ଦେବେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ଓ ବିଧିବିଧାନ ଅନୁସାରେ ଚଳିତ ମାସ ୧୪ ତାରିଖ ଦିନ ଅଂକୁର ରୋପଣ କରାଯାଇଥିବା ବେଳେ ୧୫ ତାରିଖ ଦିନ ଘଟଉତୋଳନ ଓ କଳସ ଯାତ୍ରା ପର୍ବ ଅନୁଷ୍ଠିତ ହୋଇଥିଲା ଓ ୧୬ ରୁ ୧୮ ତାରିଖ ପର୍ଯ୍ୟନ୍ତ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବା ସହ ଶେଷ ଦିନ ପୂର୍ଣ୍ଣାହୁତି ପର୍ବ ସମ୍ପନ୍ନ ହୋଇଥିଲା ଓ ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତଙ୍କ ସମାବେଶ ହୋଇଥବା ବେଳେ ସମସ୍ତଙ୍କ ପାଇଁ କମିଟି ତରଫରୁ ପ୍ରସାଦ ବଂଟନ ସେବାର ବ୍ୟବସ୍ଥା କରାଯାଇଥିଲା ଓ ପୁରୋହିତ ମନୋଜ ପଣ୍ଡାଙ୍କ ଦ୍ୱାରା ସମସ୍ତ କର୍ମ ସମ୍ପନ୍ନ ହୋଇଥିଲା ଓ ରବିକାନ୍ତ ସିଂହ ଓ ଅଙ୍କିତା ସିଂହ କର୍ତା ଭାବେ କାର୍ଯ୍ୟ ତୁଲାଇଥିଲେ ଓ ସ୍ଥାନୀୟ କାଉନସିଲର ରାଜ ଗୁପ୍ତା, ରାଜକିଶୋର ସିଂହ, ପ୍ରଭାସ ସାହୁ, ପ୍ରଫୁଲ୍ଲ ଦାଶ, କିରଣ ମହାପାତ୍ର, ସଚିନ୍ଦ୍ର ପାତ୍ର, ଭବତୋଷ ବେହେରା, ସଞ୍ଜୟ ସେନାପତି ଓ ସରୋଜ କୁମାର ଶତପଥି ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରଥଟଣା

ବାରିପଦା (ନି.ପ୍ର.)ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜୀଉଙ୍କ ରଥଯାତ୍ରାର ଆଜି ପ୍ରଥମ ଦିନରେ ପ୍ରଥମେ ବଳଭଦ୍ରଙ୍କ ୧୪ ଚକ ବିଶିଷ୍ଟ ତାଳଧ୍ୱଜ ରଥକୁ ହଜାରହଜାର ଭକ୍ତ ଶ୍ରୀ ମନ୍ଦିର ନିକଟ ରଥ ଖଳାରୁ ଟାଣି ନେଇ ରାଧା ମୋହନ ମନ୍ଦିର ଠାରେ ଥିବା ଗୁଣ୍ଡିଚା ମନ୍ଦିର ଆଗରେ ପହଂଚାଇ ଥିଲେ. ପରେ ପରେ ଦେବି ସୁଭଦ୍ରାଙ୍କର ୧୨ ଚକ ବିଶିଷ୍ଟ ଦେବଦଳନ ରଥକୁ ପରମ୍ପରା ମୁତାବକ କେବଳ ମହିଳା ଭକ୍ତ ମାନେ ଟାଣିନେଇ ଅଧାବାଟରେ ଅର୍ଥାତ ବାରିପଦା ଟାଉନ ଥାନା ସମ୍ମୁଖରେ ପହଂଚାଇଥିଲେ. ଆଜି ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର, ମୟୁରଭଞ୍ଜ ସାଂସଦ ନବ ଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମୟୁରଭଞ୍ଜ ଜିଲାପାଳ ହେମକାନ୍ତ ସୟ, ମୟୁରଭଞ୍ଜ ଏସପି ବରୁଣ ଗୁଂଟୁପାଲି ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ରଥ ଟାଣିଥିଲେ.ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ପରମ୍ପରା ମୁତାବକ ଦେବି ସୁଭଦ୍ରାଙ୍କ ଦେବଦଳନ ରଥକୁ କେବଳ ମହିଳା ମାନେ ଟାଣିଥାନ୍ତି. ଏହି ପରମ୍ପରା ୧୯୭୫ ମସିହାରୁ ପ୍ରଚଳିତ ଅଛି. ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥି ଥିଲେ. ମହିଳା ମାନଙ୍କୁ ଅଗ୍ରାଧିକାର ଦେଇ ସେମାନଙ୍କୁ ସଶକ୍ତ କରାଯିବା ପାଇଁ ବାରିପଦା ମାଟିରୁ ଆରମ୍ଭ ହୋଇଥିବା ଏହି ପରମ୍ପରା ଅଦ୍ୟାବଧି ଚାଲୁ ରହିଛି. ତେବେ ରଥଟଣା ବେଳେ ଆଜି ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା. ରଥ ସମ୍ମୁଖରେ ଅନେକ ଭକ୍ତ ଖୋଳ କୀର୍ତନ, ଶଙ୍ଖ ହୁଳହୁଳି, ଓଡିଶୀ ନୃତ୍ୟ ସହିତ ଆଦିବାସୀ ନୃତ୍ୟ, ଯୁବ ଗୋଷ୍ଠୀଙ୍କ ପିରାମିଡ଼ ଖେଳ ଭଳି କାର୍ଯ୍ୟକ୍ରମ ମାନ ଦେଖିବାକୁ ମିଳିଥିଲା. ରଥ ଉପରେ ଘଂଟୁଆଙ୍କ ଘଂଟ ଶବ୍ଦ ସହ ପଣ୍ଡିତ ଭାଗବତ ପଣ୍ଡାଙ୍କ ଧରାବିବରଣୀ ଏବଂ ଜୟ ଜଗନ୍ନାଥ ତାଳରେ ରଥ ଆଗକୁ ବଢ଼ି ଚାଲିଥିଲା. ସେହିପରି ଜଗନ୍ନାଥ ମନ୍ଦିର, ଏମପିସି କଲେଜ ଏବଂ ମାଉସୀ ବାଡ଼ି ନିକଟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଖୋଲାଯାଇଥିବା କେନ୍ଦ୍ର ଗୁଡିକରେ ବହୁ ବକ୍ତା ଉପସ୍ଥିତ ରହି ଧାରା ବିବରଣୀ ପ୍ରଦାନ କରିଥିଲେ. ଯାହା ସମଗ୍ର ବଡ଼ ଦାଣ୍ଡକୁ ଭକ୍ତି ଭାବମୟ କରିଦେଇଥିଲା. ସେହିପରି ସମଗ୍ର ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ବିଭିନ୍ନ ଅନୁଷ୍ଠାନ ତରଫରୁ ପାନୀୟ ଜଳ, ସର୍ବତ, ଜଳଖିଆ, ଅନ୍ନଭୋଗ ଆଦି ଭକ୍ତଙ୍କ ପାଇଁ ବଂଟନ କରାଯାଇଥିଲା ।ଆଜି ବାରିପଦାରେ ପ୍ରବଳ ଗୁଳୁଗୁଳି ଲାଗି ରହି ଥିବାରୁ ଅଗ୍ନୀ ଶମ ବିଭାଗ ତରଫରୁ ଭକ୍ତଙ୍କ ଉପରେ ଜଳ ସିଂଛନ କରାଯାଇ ଥିଲା ।ତେବେ ରଥ ଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା ତଥା ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି. ସହରର ପ୍ରତି ପ୍ରବେଶ ଏବଂ ପ୍ରସ୍ଥାନ ପଥରେ ପୋଲିସ ମୁତୟନ ହୋଇଥିବା ବେଳେ, ସମସ୍ତ ଅଗନ୍ତୁକ ତଥା ଯାନ ବାହନ ଉପରେ କଡା ନଜର ରଖଯାଇଛି. ଚଳିତ ବର୍ଷ ରଥଯାତ୍ରା ମେଳାରେ ଦୋଳି ସହିତ ବିଭିନ୍ନ ଆମୋଦ ପ୍ରମୋଦ ଏବଂ ଘର କରଣା ଜିନିଷର ଦୋକାନ ଲାଗିଛି. ଏଣୁ କେବଳ ରଥ ଟଣା ନୁହେଁ ମେଳାରେ ମଧ୍ୟ ବ୍ୟାପକ ଭିଡ଼ ପରିଲକ୍ଷିତ ହେଉଛି. ସେହିପରି ଆଜି ସମଗ୍ର ବାରିପଦା ବଡ଼ଦାଣ୍ଡ ରଥମୟ ହୋଇ ରହିଥିବାରୁ ଏବଂ ରଥ ଉପରେ ଶ୍ରୀ ବିଗ୍ରହ ମାନେ ବିରାଜମାନ କରିଥିବାରୁ ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି. ଆସନ୍ତା କାଲି ଅପରାହ୍ନରେ ପ୍ରଥମେ ଅଧା ବାଟରେ ରହିଥିବା ଦେବି ସୁଭଦ୍ରାଙ୍କ ଦେବଦଳନ ରଥ ଗୁଣ୍ଡିଚା ମନ୍ଦିରରେ ପହଂଚିବା ପରେ କାଳିଆର ନନ୍ଦିଘୋଷ ରଥ ଶ୍ରୀମନ୍ଦିର ସମ୍ମୁଖରୁ ଭକ୍ତ ମାନେ ଟାଣିନେଇ ଗୁଣ୍ଡିଚା ମନ୍ଦିରରେ ପହଂଚାଇବେ ।

# ପାରାଦୀପ ଇଫକୋରେ ଉତ୍ସାହ ଉଦ୍ଦୀପନା ସହ ରଥଯାତ୍ରା ପାଳିତ

ପାରାଦୀପ (ନି.ପ୍ର.)- ଇଫକୋ ପାରାଦୀପ ୟୁନିଟ ପରିସରରେ ବାର୍ଷିକ ରଥଯାତ୍ରା ଆଧ୍ୟାତ୍ମିକ ପରିବେଶ ଓ ଉତ୍ସାହର ସହ ଗୁରୁବାର ଦିନ ପାଳିତ ହୋଇଯାଇଛି କ୍ଷ ଏଥିରେ ଇଫକୋ କର୍ମଚାରୀ ଓ ସେମାନଙ୍କ ପରିବାର ସମେତ ଶ୍ରଦ୍ଧାଳୁ ମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ କ୍ଷ ରଥରେ ଥିବା ସମବେତ ତିନି ଠାକୁର ସମସ୍ତଙ୍କୁ ଦର୍ଶନ ଦେଇଥିଲେ । ଇଫକୋର ବିଭିନ୍ନ ବିଭାଗ ଏବଂ ଆଖପାଖ ଅଂଚଳର ଭକ୍ତମାନେ ଶୋଭାଯାତ୍ରା ଏବଂ ଆନୁସଙ୍ଗିକ ରୀତିନୀତିରେ ଅଂଶଗ୍ରହଣ କରିବା ପାଇଁ ଏକତ୍ରିତ ହୋଇଥିଲେ ।



ଇଫକୋର ଅଧ୍ୟକ୍ଷ ଦିଲୀପ ସଂଘାନୀ, ଶ୍ରୀମତୀ ଗୀତା ସଂଘାନୀ, ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲ, ଶ୍ରୀମତୀ ମମତା ପଟେଲ, ପାରାଦୀପ ୟୁନିଟ୍ ମୁଖ୍ୟ ପି.କେ. ମହାପାତ୍ର, ଶ୍ରୀମତୀ ମଞ୍ଜୁଲତା ମହାପାତ୍ର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ପୂର୍ଣ୍ଣ ନିଷ୍ଠାର ସହିତ ଉତ୍ସବରେ ଅଂଶଗ୍ରହଣ କରି ସମାରୋହର ନେତୃତ୍ୱ ନେଇଥିଲେ ଏବଂ ପ୍ରାର୍ଥନା କରିଥିଲେ ।

ବର୍ଷସାରା ବିଭିନ୍ନ ପର୍ବ ପାଳନ ପାଇଁ ଜଣାଶୁଣା ଇଫକୋ, ସମାନ ମହାନତା ଏବଂ ଭକ୍ତିର ସହିତ ରଥଯାତ୍ରା ପାଳନ କରିଥିଲା । ଏହି କାର୍ଯ୍ୟକ୍ରମ ପାରମ୍ପରିକ ରୀତିନୀତି, ଭଜନ ଏବଂ ସକ୍ରିୟ ଅଂଶଗ୍ରହଣ ସହିତ ଚିନ୍ତନମୂଳକ ଭାବରେ ଆୟୋଜିତ ହୋଇଥିଲା, ଯାହା ଏକ ଆଧ୍ୟାତ୍ମିକ ଭାବରେ ସମୃଦ୍ଧ ପରିବେଶ ସୃଷ୍ଟି କରିଥିଲା । କର୍ମଚାରୀ ଏବଂ ସେମାନଙ୍କ ପରିବାର ଉତ୍ସାହର ସହିତ ଉତ୍ସବର ସାଂସ୍କୃତିକ ଏବଂ ଭକ୍ତିପୂର୍ଣ୍ଣ ସାରକୁ ଅନୁଭବ କରି ଉତ୍ସବରେ ଅଂଶଗ୍ରହଣ କରିଥିଲେ ।

# କେଶବକବି କୃଷ୍ଣପ୍ରସାଦଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ପାଳିତ

ସୋର,(ନି.ପ୍ର.) ଓଡ଼ିଶାର ଅନନ୍ୟ ବରପୁତ୍ର କେଶବକବି କୃଷ୍ଣପ୍ରସାଦ ବେହେରାଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଓଡ଼ିଶା ସାହିତ୍ୟ ଏକାଡେମୀ ଓ କେଶବକବି କୃଷ୍ଣପ୍ରସାଦ ସ୍ମୃତି ପରିଷଦ ସୋରର ମିଳିତ ସହଯୋଗରେ ରାଧାନାଥ ସ୍ମୃତି ମଣ୍ଡପରେ ପରିଷଦର ସଭାପତି ମିହିର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଭା ପ୍ରାରମ୍ଭରେ କେଶବକବିଙ୍କ ଉପରେ ଆଧାରିତ ସଂଗୀତ ଓ ସଂଳାପ କବିଙ୍କ ଶିଷ୍ୟ-ଶିଷ୍ୟାଙ୍କ ଦ୍ୱାରା ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡ. ଶ୍ରୀକାନ୍ତ ପଣ୍ଡା । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସେବାନିବୃତ ଅଧ୍ୟକ୍ଷ ସୂର୍ଯ୍ୟମଣୀ ଶତପଥ, ସମ୍ମାନନୀୟ ବକ୍ତା ଭାବେ ସୁସାହିତ୍ୟିକ ବାଦଲ କୁମାର ମହାନ୍ତି, ବିଶିଷ୍ଟ ଅତିଥି ଭାବେ ସାହିତ୍ୟ ଏକାଡେମୀର ସହସଚିବ ସଂଜୟ କୁମାର ଛୁଆଲସିଂହ, ମୁଖ୍ୟବକ୍ତା ଭାବେ ଯଦୁନାଥ ପଣ୍ଡା ଯୋଗଦେଇ କେଶବକବିଙ୍କ ପଲ୍ଲୀଜୀବନ ନିଚ୍ଛକ ଚିତ୍ର, ହାସ୍ୟ ରସାତ୍ମକ, ଜାତୀୟତାବାଦ, ବିଷାଦ ବାଦ, ପ୍ରେମ ପ୍ରଣୟ ଉପରେ ଆଲୋକପାତ କରିଥିଲେ । ଅତିଥି ପରିଚୟ ପ୍ରଦାନ କରିଥିଲେ ବରିଷ୍ଠ ସଦସ୍ୟ ଦାମୋଦର ଦାଶ ମହାପାତ୍ର । ବୟୋଜ୍ୟେଷ୍ଠ ଯାତ୍ରାକଳାକାର ପୁରୁଷୋତମ ପଣ୍ଡା, କାର୍ତିକ ଚନ୍ଦ୍ର ବିଶ୍ୱାଳ (ମରଣୋତର)ଙ୍କୁ କେଶବକବି ସମ୍ମାନ ପ୍ରଦାନ କରିଯାଇଥିଲା । ମାନପତ୍ର ପାଠ କରିଥିଲେ ରଜନୀ କାନ୍ତ ପାଣିଗ୍ରହୀ, ଗୌରାଙ୍ଗ ଚନ୍ଦ୍ର ନାୟକ । କବି ବନ୍ଦନା ଗାନ କରିଥିଲେ ତ୍ରିବେଣୀ କଳାକେନ୍ଦ୍ରର ଅଧ୍ୟକ୍ଷା ପୁଷ୍ପାରାଣୀ ନାୟକ । ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ସଂପାଦକ ଉଦ୍ଧବ ଚରଣ ବିଶ୍ୱାଳ । ଧନ୍ୟବାଦ ଅର୍ପଣ କରିଥିଲେ ଉପ-ସଭାପତି ସୁଧାକର ନାୟକ ।

# ଭୋଳେଶ୍ୱର ଜନାର୍ଦ୍ଦନ ଉଚ୍ଚ ନୋଡାଲ ବିଦ୍ୟାପୀଠର ନୂତନ ପରିଚାଳନା କମିଟି ଗଠିତ

ସୋର,(ନି.ପ୍ର.)ସୋର ବ୍ଲକ ଗୋପୀନାଥପୁର ପଂଚାୟତ ଭୋଳେଶ୍ୱର ଜନାର୍ଦ୍ଦନ ଉଚ୍ଚ ନୋଡାଲ ବିଦ୍ୟାପୀଠ ରେ ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି । ସରକାରୀ ନିୟମ ଅନୁସାରେ ଅଭିଭାବକମାନଙ୍କ ଦ୍ୱାରା ଅନୁଷ୍ଠିତ ବୈଠକରେ ପରିଚାଳନା କମିଟି ନିମନ୍ତେ ସଭ୍ୟସଭ୍ୟା ନିର୍ବାଚିତ ହୋଇଥିଲେ । ଉକ୍ତ ସଭ୍ୟସଭ୍ୟା ଦ୍ୱାରା ପୁନର୍ବାର ଗତ ଶୁକ୍ରବାର ଦିନ ୧୫ ସଭ୍ୟସଭ୍ୟାମାନଙ୍କ ଉପସ୍ଥିତରେ ଅନୁଷ୍ଠିତ ବୈଠକରେ ଚେୟାରମ୍ୟାନ (ସଭାପତି) ଭାବେ ପ୍ରଶାନ୍ତ କୁମାର ବେହେରା ଏବଂ ଉପସଭାପତି (ଭାଇସ ଚେୟାରମ୍ୟାନ)ଭାବେ ମହିଳା ସନ୍ଧ୍ୟାରାଣୀ ଦାଶଙ୍କୁ ନିର୍ବାଚିତ କରାଯାଇଥିଲା । ଏଥି ସହିତ ସ୍କୁଲ ବିଲଡିଂ କମିଟି ଓ ସ୍କୁଲ ଏକାଡ଼େମିକ କମିଟି ଗଠିତ ହୋଇଥିଲା । ଏହି କମିଟିରେ ବନିତା ଖିଲାର,ଚନ୍ଦ୍ରମୋହନ ରଥ, ସଞ୍ଜୁଲତା ସାମଲ, ସୁମିତ୍ରା ବେହେରା,ବାଣ୍ଟୁ ସିଂ, ଦିଲୀପ ସାମଲ,ରମେଶ ଚନ୍ଦ୍ର ଭୋଇ,ଦମୟନ୍ତୀ ବିଶ୍ୱାଳ, ରଶ୍ମିତା ଦାଶ,ମନୋରମା ନାୟକ, ସୁନନ୍ଦା ଗୋଛାୟତ,ସୁପ୍ରିୟା ବେହେରା,ରଂଜିତା ଦାଶ, ୱାର୍ଡମେମ୍ବର ରତ୍ନାକର ବେହେରା, ଅଙ୍ଗନବାଡି କର୍ମୀ ମିସ ଲୋରା, ଆଶାକର୍ମୀ ସଞ୍ଜୁଲତା ସାହୁ, ମନ୍ଦାକିନୀ ଦାଶ ଏବଂ ପ୍ରଧାନଶିକ୍ଷକ ରମେଶଚନ୍ଦ୍ର ବେହେରା ମନୋନୀତ ହୋଇଛନ୍ତି ।











ନୂତନ ପିଢ଼ିଙ୍କୁ ଶିକ୍ଷା ଦେଇ ଏତେ ସକ୍ଷମ କରିବା ଯେ ସେମାନେ ନିଜ ଜ୍ଞାନ ରୂପକ ଅସ୍ତ୍ରରେ ଏହି ବୈଚାରିକ ଯୁଦ୍ଧରେ ବିରୋଧୀଙ୍କୁ ପରାସ୍ତ ପରି ପାରିବେ ।

# ଆଜିକାଲି



*'ଯଃ ସର୍ବତ୍ରାନଭିସ୍ନେହସ୍ତଭତ୍ ପ୍ରାପ୍ୟ ଶୁଭାଶୁଭମ୍*
*ନାଭିନନ୍ଦତି ନଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠାତା*
*(ଶ୍ରୀମଦ୍ ଭଗବତ୍ ଗୀତା)*

ଭାବାର୍ଥ : ଯେଉଁ ପୁରୁଷ ସର୍ବତ୍ର ଅନାସକ୍ତ ହୋଇ ଶୁଭବସ୍ତୁ ପାଇଲେ ପ୍ରସନ୍ନ ହୁଅନ୍ତି ନାହିଁ, କି ଅଶୁଭ ବସ୍ତୁ ପାଇଲେ ଦ୍ୱେଷ କରନ୍ତି ନାହିଁ, ତାଙ୍କର ବୁଦ୍ଧି ସ୍ଥିର ।

## ରେଳ ପରିବହନ କ୍ଷେତ୍ରରେ ଆଉ ଏକ ନୂତନ ଯୁଗ

ଯାତାୟତ କ୍ଷେତ୍ରରେ ଯାନବାହାନ ଏକ ପ୍ରମୁଖ ଭୂମିକା ଗ୍ରହଣ କରଥିବା ବେଳେ ଯାତ୍ରୀ ଏବଂ ଅନ୍ୟାନ୍ୟ ଦ୍ରବ୍ୟ ସହଜ ଏବଂ ସୁଲଭରେ ଆମେ ତାହାକୁ ଉପଲବ୍ଧ କରିପାରୁଛନ୍ତି । ପୂର୍ବରୁ କୋଇଲା ମାଧ୍ୟମରେ ରେଳଚଳାଚଳ କରୁଥିବା ବେଳେ ପରବର୍ତୀ ସମୟରେ ଡଜେଲ ଏବଂ ତାହା ପରେ ବିଦ୍ୟୁତ୍ ମାଧ୍ୟମରେ ରେଳ ଚଳାଚଳ କରୁଥିଲା ଏବଂ ଏବେ ମଧ ବିଦ୍ୟୁତ୍ ମାଧ୍ୟମରେ ରେଳ ଚଳାଚଳ କରୁଛି । ବୈଜ୍ଞାନକ ପରିକଳ୍ପନା ଯେଉଁଭଳି ଭାବେ ଦିନକୁ ଦନ ଉନ୍ନତ ପଥରେ ଆଗେଇ ଚାଲିଛି ତାହାକୁ ଆଖି ଆଗରେ ରଖି ଆଉ ଏକ ନୂତନ ମାଧମ ପରବେଶ ସୁସ୍ଥତା ପାଁ ଆରମ୍ଭ କରାଯାଛି । ମେକ୍ଇନ୍ ଇଣ୍ଡିଆ ଦ୍ୱାରା ସ୍ୱଛ ପରିବେଶର ସୁସ୍ଥତା ପାଇଁ ଦେଶର ରେଳ ପରିବହନ କ୍ଷେତ୍ରରେ ହାଇଡ୍ରେଜେନ ଟେନ (ଉଦ୍ୟାନ) ଚଳାଚଳ ଅଭିଯାନର ଆଉ ଏକ ନୂତନ ସଫଳତା । ପୂର୍ବରୁ ଆମେରିକା, ଜାପାନ, ଚୀନ ଓ ଜର୍ମାନୀର ହାଡ୍ରୋଜେନ ଟ୍ରେନ ଚଳାଚଳ କରୁଥିଲା । ଭାରତ ଏଭଳି ଟ୍ରେନ ଚଳାଚଳରେ ପଂଚମ ରାଷ୍ଟ୍ରଭାବେ ସାମଲ ହୋଇଛି । ତେବେ ଦଶଟି କୋଚ୍ ବିଶିଷ୍ଟ ଟ୍ରେନ୍ ଚଳାବାରେ ଭାରତ ପ୍ରଥମ ରାଷ୍ଟ୍ର । ଗତ ଶୁକ୍ରବାର ୧୭ ତାରିଖ ଦିନ ଏହ ଐତହାସକ ପଦକ୍ଷେପ ସ୍ୱରୂପ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହାଇଡ୍ରୋଜନ ଫୁଏଲ ସେଲ ହରିୟାଣାର ଜିନ୍ଦ ସୋନପତ ରୁଟ୍‌ରେ ସଫଳତାର ସହ ଚଳାଚଳ ଶୁଭାରମ୍ଭ କରିଛି । ପ୍ରଧାନମନ୍ତ୍ରୀ ଏହି ଟ୍ରେନକୁ ଶୁଭାରମ୍ଭ କରିଛନ୍ତି । ଏହ ଟ୍ରେନରେ ୨୬୦୦ ଯାତ୍ରୀ ଯାତ୍ରା କରି ପାରିବୋ ଏହି ଟ୍ରେନ ଡଜେଲ ବଦଳରେ ହାଇଡ୍ରୋଜେନ ଫୁଏଲ ସେଲ ବ୍ୟବହାର କର ନିଜେ ବିଦ୍ୟୁତ ଶକ୍ତି ଉତ୍ପନ୍ନ କରିଥାଏ । ଏଥିରୁ କୌଣସି ବିଷାକ୍ତ ଗ୍ୟାସ ବାହାରିବ ନାହିଁ କେବଳ ଜଳୀୟ ବାଷ୍ପ ଓ ଉତାପ ବାହାରିବ । ଯାହାଦ୍ୱାରା କୌଣସି ପ୍ରଦୁଷଣ ହୁଏ ନାହିଁ । ଯାହା ରେଳବାଇ କ୍ଷେତ୍ରରେ ଏକ ନୂଆ ମାଇଲଖୁଂଟ ।




## ବନ ମହୋତ୍ସବ

◆ କବି କାଳୀ ଦାସ

ବନ ସାଥିରେ ଯୋଡ଼ି
ହୋଇଛି ଆମର ଜୀବନ
ଆମର ସଂସ୍କୃତି ପୁଣି
ଆମର ପୁରାଣ ରାଜ ପାଟ ଛାଡି
ବନବାସୀ ହେଲେ ପ୍ରଭୁ ଶ୍ରୀ ରାମ
ପ୍ରଭୂରାମଙ୍କ ଜୀବନ
ମର୍ଯ୍ୟାଦା ରେ ପୂର୍ଣ୍ଣ
ଶ୍ରୀକୃଷ୍ଣ ବନ ରେ କୁଳି
ହେଲେ ବନ ମାଳି
ପଂଚୁ ପାଣ୍ଡାବଙ୍କୁ ବନବାସ ହେଇ
କୌରବ ହୋଇ କଲେ
ପାଣ୍ଡବଙ୍କ ବଇରୀ
ରଷି ମୁନି ଅହରହ ବନରେ ରୁହନ୍ତି
ବନରେ ତପସ୍ୟା କରି
ଦିବ୍ୟ ଜ୍ଞାନ କୁ ପାଆନ୍ତି
'ବନ ମହୋତ୍ସବ' ର ମହାନ
ଯେ ବାର୍ତା
ବନ ସୃଷ୍ଟି କରିବା ଓ
ବନକୁ ବଂଚାଇବା
କାଟିବାକୁ ଦେବନାହିଁ ଅହରହ
ଆମେ ଆଉଗଛ ବନ ସୃଷ୍ଟି କରି
ପରିବେଶ କୁ କରିବା ଯେ ସ୍ୱଚ୍ଛ
ବନ ସାଥିରେ ଯୋଡ଼ି ଅଛି
ଆମର ଜୀବନ ଆମର ସଂସ୍କୃତି
ପୁଣି ଆମର ପୁରାଣ ।

*ଫୋନ -୭୨୦୫୧୦୦୮୩୯*

## କଳିଯୁଗରେ ଶ୍ରୀଜଗନ୍ନାଥ/ ଶ୍ରୀ ହନୁମାନ

◆ ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳ

*ଜୟ ଲୀଳା ଦାନୁ ତନୁ ଜୟ ବାଞ୍ଛା ଫଳପ୍ରଦ*
*ଜୟା ଚ୍ୟୁତ ଜଗନ୍ନାଥ ଜୟଶାନ ନମସ୍ତୁତେ ...*
*(ସ୍କନ୍ଧ ପୁରାଣ)*

କଳିଯୁଗରେ ଲୋକମାନେ ନାସ୍ତିକ ହୋଇ ପଶୁତୁଲ୍ୟ ଆଚରଣ ଦେଖାଇଲେ । ସ୍ତ୍ରୀ ବେଶରେ ପିତା-ମାତାଙ୍କର ସେବା କରିବେ ନାହିଁ, ପତ୍ନୀ ମାନେ ଭ୍ରଷ୍ଟାଚାରିଣୀ ହେବେ, ବ୍ରାହ୍ମଣ ମାନେ ବେଦବିକ୍ରୟ ଦ୍ୱାରା ଜୀବିକା ଅର୍ଜନ କରିବା ସହ ଧନ ଅର୍ଜନ ନିମନ୍ତେ ବିଦ୍ୟା ହ୍ରାସ କରିବେ, କ୍ଷତ୍ରିୟ, ବୈଶ୍ୟମାନେ ସ୍ୱଧର୍ମ ଓ ବନାଶ୍ରମ କର୍ମ ଓ ଗୁଣକୁ ତ୍ୟାଗ କରି ଅନ୍ୟକୁ ପ୍ରବଞ୍ଚନା କରିବାରେ ଲିପ୍ତ ରହିବେ, ଶୁଦ୍ର ପରିଚର୍ଯ୍ୟା ତ୍ୟାଗ କରି ବ୍ରାହ୍ମଣାଚାର ପାଇଁ ତତ୍ପର ହେବେ, ଉକ୍ତ ସ୍ଥିତିକୁ ହୃଦୟଙ୍ଗମରି ଆଦିକବି ସାରଳା ଦାସ ମହାଭାରତରେ ଅଭିବ୍ୟକ୍ତି ପ୍ରକାଶ କଲେ - *କଳିଯୁଗ ଲୋକଙ୍କ ଅନୀତି ଭାବ ଜାଣି, ଏଣୁ ପାଦପାଣି ନ ବୋହିଲେ ଚକ୍ରପାଣି, କଲୌନା ମେବ କେବଳମ୍ ,* ଶ୍ରୀମଦ୍ ଭାଗବତ ବାଣୀର ଅନୁସରଣରେ ସନ୍ଥ ତୁଳସୀ ଦାସ ଶ୍ରୀରାମଚରିତ ମାନସରେ ମତବ୍ୟକ୍ତ କଲେ - *କଳିଯୁଗ ଥାନ ନହିଁ ଜୋ ନରଙ୍କର ବିଶ୍ୱାସ , ଗାଇ ରାମ ଗୁଣଗାନ ବିମଲ ଭଓ୍ୱତର ବିନହିଂ ପ୍ରୟାସ । (୭/୧୦୩-କ)* । ଅନ୍ୟ ଯୁଗରେ ଅବସ୍ଥା ଓ ପରିସ୍ଥିତି ଭେଦରେ ପରଂବ୍ରହ୍ମ ରୂପଧାରଣ କରନ୍ତି ଓ ରୂପ ଅନୁଯାୟୀ ଦିବ୍ୟ ଲୀଳା ପ୍ରଦର୍ଶନ କରି ପୁନଶ୍ଚ ସମ୍ବରଣ କରନ୍ତି । ତ୍ରେତୟା ଯୁଗରେ ଶ୍ରୀରାମଚନ୍ଦ୍ର ରୂପ ଧାରଣ କରି ସ୍ୱୟଂ ସଂପୂର୍ଣ୍ଣ ମାନବଲୀଳା ମାଧ୍ୟମରେ ଦେବ, ଦାନବ, ମାନବ ମାନଙ୍କୁ ଅସହାୟ ଅବସ୍ଥାରୁ ରକ୍ଷା କରି ପ୍ରବୃତିର ବିନାଶ କରି ପଥ ପ୍ରଦଶ୍ରକ ହୋଇଛନ୍ତି । ସେହିପରି ଦ୍ୱାପର ଯୁଗରେ "କୃଷ୍ଣସ୍ତୁ ଭଗବାନ ସ୍ୱୟଂ"

ମାନବ ଶରୀର ଧାରଣ କରି ପ୍ରେମ ଓ ସେବାର ଉ□ମ ସମନ୍ୱୟ ରକ୍ଷା କରିଛନ୍ତି । ଏହାକୁ ମାନବୀୟ ଦିବ୍ୟ ଓ ରହସ୍ୟମୟ ଲୀଳା କୁହାଗଲେ ହେଁ ଏହା ସ୍ୱୟଂ ସଂପୂର୍ଣ୍ଣ ମାଧୁର୍ଯ୍ୟ ପୁରୁଷୋତମ ଲୀଳା କିନ୍ତୁ କଳିଯୁଗରେ ଶ୍ରୀଜଗନ୍ନାଥ ଦାରୁବିଗ୍ରହରେ ସଂପୂର୍ଣ୍ଣ ମାନବ ଉପରେ ନିର୍ଭରଶୀଳ ହୋଇ ମଧ ଦିବ୍ୟମାନବ ଲୀଳାରେ ଲିପ୍ତ । ଏଣୁ ଦାରବ ତନୁ ଧାରଣ କଲେ ହେଁ ସେ ପୁରୁଷୋତମ । *ପୁରୁଷୋ□ମ ମାଖ୍ୟଂ ସୁମହତ୍ କ୍ଷେତ୍ରଂ, ପରମ ପାବକମ୍, ଯାତ୍ରାସ୍ତେ ଦାରବ ତନୁଃ ଶ୍ରୀଗୋ (ନାରାୟଣ ମାନୁଷ ଲୀଳୟା । (ସ୍କନ୍ଧ ପୁରାଣ ୧ମ- ୨ୟ)* । ଏକଦା ବିଷ୍ଣୁ ବାହାନ ଗରୁଡ଼ ଓ ବୈଷ୍ଣବାସ୍ତ୍ର ଚକ୍ର ସୁଦର୍ଶନ ବିଚାର କଲେ ମହାପ୍ରଭୁ ସଂପୂର୍ଣ୍ଣ ଆମ ଦୁଇଜଣଙ୍କ ଉପରେ ନିର୍ଭରଶୀଳ । ଆମ୍ଭର ବିନା ସହାୟତାରେ କୌଣସି କାର୍ଯ୍ୟ ଭଗବାନ କରିପାରିବେ ନାହିଁ ଗରୁଡ଼ କହିଲେ ସେ ଦ୍ରୁତ ଗତିରେ ନ ଗଲେ ଶ୍ରୀଜଗନ୍ନାଥ ଭକ୍ତଙ୍କୁ ରକ୍ଷା କରି ପାରିବେ ନାହିଁ । ସୁଦର୍ଶନ ମତବ୍ୟକ୍ତ କଲେ ତାଙ୍କୁ ପ୍ରୟୋଗ କଲେ ଦୁଷ୍ଟ ଦମନ ହୋଇ ପାରିବ ନାହିଁ । ତେଣୁ ମୋକ୍ଷର ଅଧିକାରୀ କେହି ହେବେ ନାହିଁ । ଅନ୍ତର୍ଯ୍ୟାମୀ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ଏହା ଜାଣିପାରି ଗରୁଡ଼କୁ ଆଦେଶ ଦେଲେ ତୁରନ୍ତ ପବନସୁତ ଭକ୍ତ ପ୍ରବର ଶ୍ରୀହନୁମାନଙ୍କୁ ଗନ୍ଧମାର୍ଦ୍ଦନ ପର୍ବତରୁ ଏଠାକୁ ଆଣ । ସୁଦର୍ଶନ ଚକ୍ରକୁ ଆଜ୍ଞା ପ୍ରଦାନ କଲେ ଶ୍ରୀମନ୍ଦିର ଚାରି ଦ୍ୱାରରେ ଚାରି ରୂପ ଧରି ଶ୍ରୀ ହନୁମାନଙ୍କୁ ମନ୍ଦିର ପ୍ରବେଶ କରାଇ ଦେବ ନାହିଁ । ଦାରୁବ୍ରହ୍ମଙ୍କ ଅନୁଜ୍ଞା ପାଳନରେ ଉପଯ ଲାଗିଗଲେ । ଗନ୍ଧମାର୍ଦ୍ଦନ ପର୍ବତରେ ଧ୍ୟାନସ୍ଥ ଶ୍ରୀ ହନୁମାନଙ୍କୁ ଦେଖିଲେ । ଧ୍ୟାନ ଭଗ୍ନ ପରେ ତାଙ୍କୁ ଜଗନ୍ନାଥଙ୍କର ଅନୁଜ୍ଞା ଜଣାଇଲେ । ହନୁମାନ ତତ୍କ୍ଷଣାତ୍ ଯିବାକୁ ସ୍ୱୀକୃତି ଦେବାରେ ଗରୁଡ଼ ତାଙ୍କୁ ପୃଷ୍ଠଦେଶରେ ବସାଇ ନେବାକୁ କହିଲେ । ହନୁମାନଜୀ ବଳ ଓ ବିବେକବାନ ରାମଭକ୍ତ ଏଣୁ ଗରୁଡ଼ ବିଷ୍ଣୁଙ୍କର ବାହାନ ଜାଣି କିପରି ବିବେକ ପରିପନ୍ଥି କାର୍ଯ୍ୟରେ ସମ୍ମତି ପ୍ରଦାନ କରିବେ, ଏଣୁ ସେ ପବନ ବେଗରେ ଯିବାକୁ ଗରୁଡ଼କୁ କହିଲେ । ଗରୁଡ଼ ପୁନଶ୍ଚ ପୃଷ୍ଠଦେଶରେ ବସାଇ ନେବାକୁ ଅନୁରୋଧ ଜଣାନ୍ତେ, ଅଞ୍ଜନାନନ୍ଦନ ତାଙ୍କୁ ବଳପୂର୍ବକ ଫୋପାଡ଼ି ଦେବାରେ ଗରୁଡ଼ ଯାଇ ମହୋଦଧି କୂଳରେ ପଡ଼ିଲେ । ହନୁମାନ ମନଠାରୁ ଅଧିକ ବେଗରେ ଗମନ କରି ମହୋଦଧି କୂଳରେ ପଡ଼ିଲେ । ହନୁମାନ ମନଠାରୁ ଅଧିକ ବେଗରେ ଗମନ କରି ଶ୍ରୀମନ୍ଦିର ସିଂହଦ୍ୱାରରେ




ଉପସ୍ଥିତ ହେଲେ । ତାଙ୍କ ପଥରୋଧ କରିବାରେ ହନୁମାନ ସୁଦର୍ଶନଚକ୍ରକୁ ଦେଖିଲେ । ଅନୁରୋଧ ଜଣାନ୍ତେ ଚକ୍ର ନାସ୍ତିବାଣୀ ଶୁଣାଇଲେ । ତତ୍କ୍ଷଣାତ୍ ସୁଦର୍ଶନ ଚକ୍ରକୁ ସ୍ୱକକ୍ଷ ମୂଳରେ ରଖିଲେ । ରତ୍ନ ସିଂହାସନରେ ଦେଖିଲେ ଶ୍ରୀରାମ, ଶ୍ରୀ ସୀତା ଓ ଶ୍ରୀ ଲକ୍ଷ୍ମଣ ରୂପରେ ଶ୍ରୀ ଦାରୁବ୍ରହ୍ମ ଜଗନ୍ନାଥ ବିଦ୍ୟମାନ । ପବନସୂତ ବିନମ୍ର ପ୍ରଣତୀ ଜଣାଇ ସମ୍ମୁଖରେ ବିଭୁ ଆଜ୍ଞାକୁ ଅପେକ୍ଷା କରି ଦଣ୍ଡାୟମାନ ହେବାରେ ଚକ୍ର କକ୍ଷଚ୍ୟୁତ ହୋଇ ତଳେ ପଡ଼ିଗଲେ । ଏହି ଲଜ୍ଜାରେ ଗରୁଡ଼ ପ୍ରଭୁଙ୍କ ରତ୍ନ ସିଂହାସନରୁ ସ୍ୱ ସ୍ଥାନକୁ ଗଲେ । ଶ୍ରୀଜଗନ୍ନାଥ କହିଲେ ସୁଦର୍ଶନ ଚକ୍ର ଆଜ ଦିବସ ଠାରୁ ସ୍ତମ୍ଭ ରୂପରେ ମୋ ବାମ ଭାଗରେ ଦଣ୍ଡାୟମାନ ହୋଇ ରହିବ । ସେହି ଦିନଠାରୁ ସେ ବଡ଼ ଦେଉଳର ସିଂହାସନରେ ସ୍ତମ୍ଭ ରୂପ ଧାରଣ କରି ଶ୍ରୀଜଗନ୍ନାଥଙ୍କ ବାମ ଭାଗରେ ଦଣ୍ଡାୟମାନ ,ହେଲେ । କଳ୍ପନାବିଳାସୀ କବି ଯଦୁମଣି ମହାପାତ୍ର ତାଙ୍କର ପ୍ରବନ୍ଧ 'ପୂର୍ଣ୍ଣଚନ୍ଦ୍ର' କାବ୍ୟରେ ବ୍ୟକ୍ତ କରିଛନ୍ତି- ଚକ୍ର ସୁଦର୍ଶନ କାହିଁକି ରତ୍ନ ସିଂହାସନରେ, ନବକଳେବରରେ, ସ୍ନାନମଣ୍ଡପରେ, ବାମଭାଗରେ ଓ ପତିତପାବନ ଲୀଳା ବା ଘୋଷଯାତ୍ରା ସମୟରେ ଦକ୍ଷିଣ କଡ଼ରେ ବିରାଜମାନ କରନ୍ତି । *ଯଜ୍ଞବେଦୀ (ଗୁଣ୍ଡିଚା ଘରେ), ସ୍ନାନବେଦୀ ନିଳାଦ୍ରୀ ଭୋଜନ ଗାଦି, ଏଣୁ ସୁଦର୍ଶନଙ୍କ ଧାମଟି ବାମେ । ବର୍ଜି ଅଶନ ଅନ୍ନର ସଜି ଯାକ୍ତୁ ଦୁର୍ଣ୍ଣର, ଅଜର୍ତିଦୂରିତ ଚୟ ଛେଦନ କାମେ, ତାକୁ ଦକ୍ଷ ମାର୍ଗେ ଧରନ୍ତି । ପ୍ରଭୁ ଗ୍ରନ୍ଥ କର୍ତାର ସର୍ବେ ସମ୍ମତି । (୫ମ ଛାନ୍ଦ, ୩୫ ପଦ)* ଅର୍ଥାତ୍ ଗୁଣ୍ଡିଚା ଘର, ସ୍ନାନବେଦୀ, ନିଳାଦ୍ରୀ ଏହି ତିନି ସ୍ଥାନରେ ଅନ୍ନଭୋଗର ଗାଦି ଅଟେ । ଏଣୁ ସୁଦର୍ଶନ ଚକ୍ରର ସ୍ଥାନ ବାମରେ ଦୂରୀତମାନଙ୍କୁ ଛେଦନ ନିମନ୍ତେ ରଥଯାତ୍ରାରେ ଦକ୍ଷିଣରେ ସ୍ଥାନ ପାଆନ୍ତି । ଶ୍ରୀମନ୍ଦିରରେ ପ୍ରବେଶ

ନିମନ୍ତେ ପୂର୍ବରେ ସିଂହଦ୍ୱାର, ପଶ୍ଚିମରେ ବ୍ୟାଘ୍ରଦ୍ୱାର, ଦକ୍ଷିଣରେ ଅଶ୍ୱଦ୍ୱାର ଓ ଉ□ରରେ ଗଜଦ୍ୱାର ଅବସ୍ଥିତ । ତାତ୍ୱିକ ଦୃଷ୍ଟିରୁ ଏଗୁଡ଼ିକ ଧର୍ମ, ଅର୍ଥ (ଦକ୍ଷିଣ), କାମ ଓ ମୋକ୍ଷ ଦ୍ୱାର । ଏଗୁଡ଼ିକ ପୁନଶ୍ଚ ସତ୍ୟ, ତ୍ରେତୟା, ଦ୍ୱାପର ଓ କଳିଯୁଗ ବୋଲି ବିଚାର କରାଯାଏ । ଶ୍ରୀଜଗନ୍ନାଥଙ୍କୁ ରକ୍ଷା କରିବା ପାଇଁ ଚାରିଦ୍ୱାରରେ ଯଥାକ୍ରମେ ସିଦ୍ଧ, ବରାଭୟ, କାନପ□ା ଓ ତପସ୍ୱୀ ରୂପରେ ପରମ ସେବକ ହନୁମାନ ବିଦ୍ୟମାନ । ସେ ସତ୍ୟ ଯୁଗରେ ସୂକ୍ଷ୍ମ ରୂପ, ତ୍ରେତୟାରେ ବର ଓ ଅଭୟ ଦାନ, ଦ୍ୱାପରରେ ଭକ୍ତଙ୍କ ନିବେଦନ ଶୁଣିବା ପାଇଁ ବିରାଜିତ କିନ୍ତୁ କଳିଯୁଗରେ ଅଷ୍ଟ ଭୂଜରେ ତପସ୍ୟାରତ ଥାଆନ୍ତି । ସେ ଚାରିଭୂଜରେ ନାରାୟଣ, ଶକ୍ତି, ମୋକ୍ଷ ଓ କାଳଚକ୍ରରେ ଭୂଷିତ । ଅନ୍ୟ ଚାରିଭୂଜରେ ଯୋଡ଼ହସ୍ତ (ନମସ୍କାର କରୁଥିବା) ଓ ଆଣ୍ଠୁ ଉପରେ ବିନୟ ମୁଦ୍ରାରେ ଦର୍ଶନ ଦିଅନ୍ତି । କଳିରେ କଳୁଷ କ୍ଷୟ ନିମନ୍ତେ ତପସ୍ୱୀ ହନୁମାନଙ୍କର ପୂଜା କରିବା ଏକାନ୍ତ ପ୍ରୟୋଜନ । *ମନୋଜବଂ ମାରତତୂଲ୍ୟ ବେଗଂ, ଜିତେନ୍ଦ୍ରିୟଂ ବୁଦ୍ଧିମତାଂ ବରିଷ୍ଠମ୍ । ବାତାତ୍ମଜଂ ବାନରଯୂଥ ମୁଖ୍ୟଂ, ଶ୍ରୀରାମ ଦୂତଂ ଶରଣଂ ପ୍ରପଦ୍ୟେ ।*

*ଏମ୍.ଏ, ବି.ଇଡ଼ି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ବଡ଼ବାହାଦଲପୁର, ଡଗରାପଡ଼ା, ବାଲେଶ୍ୱର- ୭୫୬୦୪୭, ୯୪୩୮୦୭୩୯୫୨, ସଭ୍ୟ- ଶ୍ରୀଜଗନ୍ନାଥ ଚେତନା ମଂଚ, ଦୋଳମଣ୍ଡପସାହି, ପୁରୀ*

## ଭକ୍ତି ଦେବତା ଶ୍ରୀଜଗନ୍ନାଥ

◆ ଜନ୍ମେଜୟ ଲେଙ୍କା

'ତୁମେ ଯଦି ପ୍ରାର୍ଥନା କରିବାକୁ ଚାହୁଁଛ, ଘରୁ ମଧ କରିପାରିବ' - ଭାରତର ସର୍ବୋଚ୍ଚ ଅଦାଲତର ମହାମହିମ ପ୍ରଧାନ ବିଚାରପତି ଓଡ଼ିଶାରେ ପୁରୀ ବ୍ୟତୀତ ଅନ୍ୟ ସ୍ଥାନରେ ରଥଯାତ୍ରା ନେଇ ଥିବା ଏକ ଆବେଦନରେ ଏହା ଉଲ୍ଲେଖ କରିଛନ୍ତି । କୋଟି କୋଟି ଓଡ଼ିଆଙ୍କ ଭକ୍ତି ଭାବନା, ଚିନ୍ତନ ଓ ଆଚରଣ ସବୁଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ଚେତନାର ଏକ ସ୍ୱତନ୍ତତା ରହିଛି । ଓଡ଼ିଶାରେ କୋଭିଡ଼ର ସଂକ୍ରମଣ କିଛି ମାତ୍ରାରେ ଥିବାବେଳେ ଏ କ୍ଷେତ୍ରରେ ଲୋକପ୍ରିୟ ନବୀନ ପଟ୍ଟନାୟକଙ୍କ ସରକାର ପ୍ରତିଟି ଜୀବନ ଯେ ମୂଲ୍ୟବାନ ତାହାର ବଡ଼ ଗୁରୁତ୍ୱ ରଖିଛନ୍ତି । ତେଣୁ ଲୋକମାନଙ୍କ ଆସ୍ଥା ଓ ବିଶ୍ୱାସ ବଜାୟ ରଖିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷିତ ରହିପାରିବ ବୋଲି ମାନ୍ୟବର ଅଦାଲତ ଏହା ସୂଚାଇଛନ୍ତି । ଯେତେ ମତ ସେତେ ପଥ । ବହୁ ମତ, ବହୁ ପନ୍ଥ, ବହୁ ସମ୍ପ୍ରଦାୟ । ସମସ୍ତେ ସେଇ ଏକ ସତ୍ୟକୁ ଆଧାର କରି ଶ୍ରୀକ୍ଷେତ୍ର ପୁରୀକୁ ଯେଉଁ ସମ୍ପ୍ରଦାୟର ହୁଅନ୍ତୁ ବା ଆଚାର୍ଯ୍ୟ, ସାଧକ, ଯୋଗୀ ବା ଭକ୍ତ ନିଜ ସାଧନା କ୍ଷେତ୍ର ବା ମତ ପ୍ରଚାରର କେନ୍ଦ୍ର ରୂପରେ ଗ୍ରହଣ କରିଛନ୍ତି । ମତ ଅନେକ କିନ୍ତୁ ଲକ୍ଷ୍ୟ ଏକ । ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ଆଉ ଶ୍ରୀଜଗନ୍ନାଥ ତତ୍ୱକୁ ନିଜ ଆତ୍ମ ଅନୁଚିନ୍ତନରେ ମାର୍ଗଦର୍ଶନ । ଶ୍ରୀଜଗନ୍ନାଥ ହେଉଛି ଭକ୍ତି ଦେବତା - ଭକ୍ତିର ପ୍ରତୀକ । ପରମ ଜ୍ଞାନ, ଭକ୍ତିର ସମନ୍ୱୟ ହେଉଛି ଭକ୍ତିର ଯୋଗ । ଆଉ ଏହି ସମନ୍ୱୟ ଯୋଗ ହେଉଛି ଶ୍ରୀଜଗନ୍ନାଥ ତତ୍ୱ । ଶ୍ରୀମଦ୍ ଭାଗବତ ଗୀତାରେ କୁହାଯାଇଛି - 'ଅନେକ ବାହୂଦରବକ୍ତ୍ରନେତ୍ରଂ ପଶ୍ୟାମି ତ୍ୱାଂ ସର୍ବତୋଽନନ୍ତରୂପମ । ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦିଂ ପଶ୍ୟାମି ବିଶ୍ୱେଶ୍ୱର ବିଶ୍ୱରୂପ । ।' ଅନେକ ବାହୁ, ଉଦର, ବଦନ ଓ ନେତ୍ର ବିଶିଷ୍ଟ ଅନନ୍ତରୂପ ତୁମକୁ ସର୍ବଦିଗରେ ମୁଁ ଦର୍ଶନ କରୁଛି । କିନ୍ତୁ ହେ ବିଶ୍ୱେଶ୍ୱର, ହେ ବିଶ୍ୱରୂପ, ମୁଁ ତୁମର ଆଦି, ଅନ୍ତ କିମ୍ୱା ମଧ କିଛି ଦେଖିପାରୁନାହିଁ । ଦେହ ମଧରେ ଦେହୀ ଶ୍ରୀଜଗନ୍ନାଥ ନିତ୍ୟ ବିରାଜିତ । ସେ ଆତ୍ମା ରୂପରେ ରହିଛନ୍ତି । ବର୍ହିଜଗତରେ ଯେପରି ତାଙ୍କର ଇଛାରେ ସବୁକିଛି ଚାଲିଛି, ସେହିପରି ଦେହ ମଧରେ ସେ ହିଁ ଶ୍ୱାସପ୍ରଶ୍ୱାସର କାରଣ । ତାଙ୍କ ବିନା ଏହି ଦେହ ଦେବାଳୟ ଶ୍ରୀହୀନ, ଜଡ଼, ମୃତ୍ୟୁ । ବିଶ୍ୱର ବିଭିନ୍ନ ଧର୍ମ ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତା ଭାବେ ପରସ୍ପରଠାରୁ ଅନତିକ୍ରମ୍ୟ ଦୂରତ୍ୱରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଦେବଦେବୀ ମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି । ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହ□ମ ପ୍ରତୀକ ହେଉଛନ୍ତି



ମହାପ୍ରଭୁ ଶ୍ରୀଜଗନ୍ନାଥ । ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ ପ୍ରାପ୍ତ ହୁଅନ୍ତି । ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ । ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତା'ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ । ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚେଇ ଦିଅନ୍ତି ଯେ ଜନ୍ମ, ଜୀବନ କି ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ । ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ । ତେଣୁ, ତାକୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ ସେ ମୁକ୍ତି ପାଇଥାଏ । ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସଂଚାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ । ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ । ବ୍ରହ୍ମଙ୍କ ଏକ ପ୍ରତୀକାତ୍ମକ ଚରିତ୍ର ହେଉଛନ୍ତି ଏ ବିଗ୍ରହ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧାତ୍ମିକ ଚେତନା ଭିତରେ ତାଙ୍କ ଦାରୁ ଉପାସନାକୁ ସ୍ୱୀକାର କରନ୍ତି । ଇସ୍‌ଲାମ ଧର୍ମଗ୍ରନ୍ଥ କୋରାନ୍ ମତରେ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିବା ଏ ବିଶ୍ୱ ଏକ ବୃକ୍ଷ ଯାହାର ଅଗ୍ରଭାଗ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏହି ବୃକ୍ଷରେ ଆହ୍ଲା ବିରାଜମାନ କରିଥାନ୍ତି । ଖ୍ରୀଷ୍ଟିୟାନ ଧର୍ମର ଦି ବୁକ୍ ଅଫ୍ ଖ୍ରୀଷ୍ଟିୟାନିଟିରେ ଜ୍ଞାନତରୁ ବିଷୟରେ ବର୍ଣ୍ଣିତ । ସେହିପରି ବୌଦ୍ଧମାନଙ୍କ ବୋଧିଦ୍ରୁମ ଓ ଜୈନମାନଙ୍କର କଳ୍ପପାଦପ ଉପାସନାରେ ଏହି ବୃକ୍ଷ ବା ଦାରୁ ଉପାସନା ହିଁ ପରିଲକ୍ଷିତ ହୋଇଥାଏ । ଜନଜାତି ଆଦିବାସୀ ସଂସ୍କୃତିରେ ବୃକ୍ଷ ପୂଜାର ପରମ୍ପରାର ବହୁ ପ୍ରାଚୀନ । ତେଣୁ ବୈଦିକ ସଂସ୍କୃତିରେ ଦାରୁ ଉପାସନା ଏକ ବହୁ ପ୍ରଚଳିତ ପଦ୍ଧତି । ଶ୍ରୀପୁରୁଷୋତମ ମହାପ୍ରଭୁ ଶ୍ରୀଜଗନ୍ନାଥ କୌଣସି ଜଣକର ନୁହଁନ୍ତି ସେ ହେଉଛନ୍ତି ଗଣର ଦେବତା । ବର୍ଷକରେ ଗୋଟିଏ ଦିନ ପାଇଁ ବଡ଼ଦାଣ୍ଡର ଜନସମୁଦ୍ର ଆଧାତ୍ମିକ ଶ୍ରଦ୍ଧାଳୁଙ୍କୁ ପାବନ କୃପା ପ୍ରଦର୍ଶନ ପାଇଁ ସେ ହେଉଛନ୍ତି ପତିତପାବନ । ମନେ ରଖିବା ଉଚିତ ଯେ ଜୀବନ ଯାତ୍ରା ପଥରେ ସମସ୍ତ ପ୍ରକାରର ବିଳାସ-ବାସନା, ନୃତ୍ୟ-ଗୀତ, ଆମୋଦ-ପ୍ରମୋଦ ଏସବୁ ହେଉଛି ରଥଯାତ୍ରାର ଶୋଭାଯାତ୍ରା ଭଳି । ଜୀବନ ହେଉଛି ଏକ ରଥଯାତ୍ରା । ଏହି କଥା ମନରେ ରଖି ମନୁଷ୍ୟ ନିଜର ସମସ୍ତ କର୍ମର ବିଚାର କରିବା ଉଚିତ । ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ ଏବଂ କାଳର ପ୍ରତି ପାଦରେ ଭଗବାନଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍‌କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ । କେବଳ ଧନୀ ବା ବି□ଶାଳୀ ନୁହଁନ୍ତି ଜଣେ ନିର୍ଧନଟି ବି ନିଜ ମୁଖରେ ସନ୍ତୋଷପୂର୍ଣ୍ଣକ ହୃଦୟ ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ମିଷ୍ଟ ବାଣୀ ଦ୍ୱାରା ଜଣକୁ ସନ୍ତୋଷ ପ୍ରଦାନ କରିପାରିବ । ପାଣି ମୁନ୍ଦାଏ ହେଉ ବା ଅସହାୟ ମୁହୂର୍ତରେ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ଓ କରୁଣାର ହାତ ବଢ଼ାଇବା ଦ୍ୱାରା ଜଣେ ଜୀବନ ରଥର ଶ୍ରେଷ୍ଠ ସାରଥୀ ଭାବେ ନିଜ ଜୀବନକୁ ଦିବ୍ୟପଥରେ ଅଗ୍ରଗାମୀ କରି ପାରିବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ । ଜୀବନରେ ପ୍ରତ୍ୟେକ ମୁହୂର୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ । ତେଣୁ ଏହାର ସଦ୍ ବ୍ୟବହାର କରାଯିବା ଆବଶ୍ୟକ ।

*ବାଇଶ ମୌଜା, ଅରଖପୁର,*

## କ୍ରାନ୍ତୀକାରୀ ଦେଶଭକ୍ତ ମଙ୍ଗଳ ପାଣ୍ଡେ

ଡ଼ଃ.ଅରୁନ୍ଧତୀ ଦେବୀ



କ୍ରାନ୍ତିକାରୀ ଦେଶଭକ୍ତ ମଙ୍ଗଳ ପାଣ୍ଡେଙ୍କ ଜିଲ୍ଲାର ଜୁଲାଇ ୧୯, ୧୮୨୭ ସେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀର ଭାବେ କାର୍ଯ୍ୟ କରୁଥିଲେ । ଏହି ରାଇଫଲର ଏକ ନୂଆ ଧରଣର କ୍ୟାଟ୍ରିଜ୍ କାମୁଡ଼ିବାକୁ ପଡୁଥିଲା । ଏହା ଗୋରୁ ଓ ହୋଇଗଲା ପରେ ସିପାହୀ ବିଦ୍ରୋହ ଭୂମିକା ନେଇଥିବା ମଙ୍ଗଳପାଣ୍ଡେଙ୍କୁ ଏପ୍ରି ଅଧିକାରୀମାନେ ଫାଶି ଦେଇଥିଲେ । ପାଣ୍ଡେଙ୍କ ଉପରେ ଏକ ପୋଷ୍ଟେଜ ଷ୍ଟାମ୍ପ ପାଣ୍ଡେଙ୍କ ଜୀବନୀକୁ ନେଇ କେତେକ

ଜନ୍ମ ଉତରପ୍ରଦେଶର ଫୈଜାବାଦ ମସିହାରେ ହୋଇଥିଲା । ୧୮୪୯ରେ ବଙ୍ଗଳା ରେଜିମେସଟର ଜଣେ ସିପାହୀ ସମୟରେ ଏନଫିଲ୍ଡ ପି-୫୩ ବ୍ୟବହାର କରାଗଲା ଯାହାକୁ ପାଟିରେ ଘୁଷୁରି ଚମଡ଼ାରେ ହୋଇଥିବା ପ୍ରଚାର ଆରମ୍ଭ ହୋଇଥିଲା । ଏଥିରେ ମୁଖ୍ୟ ୮, ୧୮୫୭ରେ ବ୍ରିଟିଶ ଭାରତ ସରକାର ୧୯୮୪ରେ ମଙ୍ଗଳ ଜାରି କରିଥିଲେ । ୨୦୦୫ରେମଙ୍ଗଳ ମେହେଟ୍ଟା ଏକ ହିନ୍ଦୀ ଚଳଚ୍ଚିତ୍ର ନିର୍ମାଣ କରିଥିଲେ । ଯେଉଁଥିରେ ଅମୀର ଖାନ୍ ଓ ରାଣୀ ମୁଖାର୍ଜୀ ଅଭିନୟ କରିଥିଲେ । ଯୁଗେ ଯୁଗେ ଦେଶ ଭକ୍ତି ଓ ଦେଶ ମାତୃକାର ସେବା ପାଇଁ ଅମାପ ତ୍ୟାଗ ଓ ବଳୀଦାନର ନିଦର୍ଶନ ରଖିଥିବା ସହୀଦ ସଂଗ୍ରାମୀ ମଙ୍ଗଳ ପାଣ୍ଡେଙ୍କ ଜୀବନାଦର୍ଶ ପ୍ରାତଃ ସ୍ମରଣୀୟ । ମଙ୍ଗଳ ପାଣ୍ଡେଙ୍କ ତ୍ୟାଗ, ଅବଦାନ ଓ ବଳୀଦାନକୁ ନେଇ ଅନେକ ପୁସ୍ତକ ଓ ସିନେମା ତିଆରି ହୋଇଛି । ଏଥିରେ ତାଙ୍କର ଦେଶଭକ୍ତି ଓ ଦେଶ ପ୍ରାଣ ପାଇଁ ତ୍ୟାଗର ଅମାପ ବଳୀଦାନ କ୍ରାନ୍ତୀର ସ୍ଫୁଲିଙ୍ଗ ସଦୃଶ । କେବଳ ପିଲାମାନଙ୍କ ଭିତରେ ନୁହେଁ ଦେଶ ଓ ସମାଜ ପାଇଁ ଭଲ ପାଇବା, ଆମ ଦେଶ ପାଇଁ ଆମର ରହିଥିବା ଦାୟିତ୍ୱବୋଧତାକୁ ନିର୍ବାହ କରିବା ଏହି ମହାନ କ୍ରାନ୍ତୀଦର୍ଶୀ ସଂଗ୍ରାମୀଙ୍କ ଜନ୍ମଦିନ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ହୋଇପାରିବ ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ: ୯୯୩୭୧୭୨୮୧୦*

## ଓଡ଼ିଶାରେ ଶ୍ରୀଜଗନ୍ନାଥ ମନ୍ଦିର

◆ ବାଦଲ ଭୂୟାଁ

ଶ୍ରୀ ଶ୍ରୀ ଜଗନ୍ନାଥ ସମଗ୍ର ଓଡ଼ିଶାବାସୀଙ୍କ ଆରାଧ୍ୟ ଦେବତା ଭାବେ ପରିଚିତ । ଘରେ ଘରେ ଜଗନ୍ନାଥଙ୍କ ପ୍ରତିମା ଏବଂ ଟୋ ପୂଜା କରାଯାଇଥାଏ । ଏହି ରାଜ୍ୟର ପ୍ରତ୍ୟେକ ବ୍ୟକ୍ତିର ଅନ୍ତରରେ ସ୍ଥାନ ପାଇଥାଆନ୍ତି ଶ୍ରୀ ଜଗନ୍ନାଥ । ଆଉ ଜଗନ୍ନାଥ ଦେଶରେ ଘର ହୋଇଥିବାରୁ ବିପଦ ଆପଦକୁ ଭୟ ନଥାଏ ଓଡ଼ିଶାବାସୀଙ୍କର । ପୁରୀ ଶ୍ରୀମନ୍ଦିର ଜଗନ୍ନାଥଙ୍କ ମୁଖ୍ୟ ମନ୍ଦିର ହୋଇଥିଲେ ସବୁଦିନ ପୁରୀକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସମ୍ଭବ ନୁହେଁ ବୋଲି ସମଗ୍ର ଓଡ଼ିଶାର ୩୦ଟି ଜିଲ୍ଲାରେ ଗଢ଼ି ଉଠିଛି ଅନେକ ଜଗନ୍ନାଥ ମନ୍ଦିର । ପୁରୀକୁ ସିନା ସବୁଦିନ ଯାଇ ପାରିବେ ନାହିଁ ମାତ୍ର ହାତପାଆନ୍ତାରେ ଥିବା ନିଜ ଆପଣାର ଦିଅଁଙ୍କୁ ତ ଆଖି ପୁରେଇ ଦେଖିହେବ । ସେଇଠି ବସି ଚକାଆଖିକୁ ସବୁ ସୁଖ ଦୁଃଖ ଜଣାଇ ହେବ । ନିଜର ଆରାଧ୍ୟ ଦେବତାଙ୍କ ପ୍ରତି ଥିବା ଏହି ଭଲ ପାଇବା ଯୋଗୁଁ ରାଜ୍ୟର କୋଣ ଅନୁକୋଣରେ ଗଢ଼ି ଉଠିଛି ଦିଅଁଙ୍କ ମନ୍ଦିର । ଏକ ଅନୁସନ୍ଧାନରୁ ଜଣାଯାଇଛି ଯେ, ସମଗ୍ର ଓଡ଼ିଶାରେ ଶ୍ରୀ ଜଗନ୍ନାଥଙ୍କର ରହିଛି ୩୦୨୯ଟି ମନ୍ଦିର । ଭକ୍ତିର ସ୍ରୋତ ଏତେ ପ୍ରଖର ହୋଇଛି ଭକ୍ତଙ୍କ ପାଖରେ ଯେ, ପଥରର ମନ୍ଦିର ତୋଳାଇ ପାରିନି ବୋଲି ହରି ଯାଇନି ଭକ୍ତ । କେଉଁଠି ନଡ଼ା ଛପରର ମନ୍ଦିରରେ ପୂଜା ପାଉଛନ୍ତି ଦିଅଁତ କେଉଁଠି ଟାଇଲ ଛପର ଘରେ ମୂର୍ତି ପୂଜା ପାଉଛନ୍ତି ଶ୍ରୀ ଜଗନ୍ନାଥ ।ଶ୍ରୀ ଜଗନ୍ନାଥ ସଂସ୍କୃତି ବିଶ୍ୱ ବିଦ୍ୟାଳୟର ଗବେଷଣା ଅଧିକାରୀ ଡଃ. ସୁରେନ୍ଦ୍ର କୁମାର ମିଶ୍ର ଦୀର୍ଘ ଦିନ ଧରି ଏ ସମ୍ପର୍କରେ ଗବେଷଣା କରିବା ପରେ ଏହି ତଥ୍ୟ ଲୋକଲୋଚନକୁ ଆଣିଛନ୍ତି । ସବିଶେଷ ତଥ୍ୟ ମିଳିବା ପରେ ଏନେଇ ଏକ ଗ୍ରନ୍ଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରକାଶ ହେବ । ଡଃ. ମିଶ୍ର ପ୍ରକାଶ କରିଛନ୍ତି ଯେ ୩୦ଟି ଜିଲ୍ଲା ମଧ୍ୟରୁ ସବୁଠାରୁ ଅଧିକା ମନ୍ଦିର ଗଞ୍ଜାମ ଜିଲ୍ଲାରେ ଅଧିକ ମନ୍ଦିର ଥିବାବେଳେ ମାଲକାନାଗିରି



ମନ୍ଦିରରେ ସବୁଠାରୁ କମ୍ ସଂଖ୍ୟକ ଜଗନ୍ନାଥ ମନ୍ଦିର ରହିଛି । ଏହି ଦୁଇଟି ଜିଲ୍ଲାରେ ଯଥାକ୍ରମେ ୩୩୭ ଓ ୮ଟି ମନ୍ଦିର ରହିଛି । ଏହି କ୍ରମରେ ଦ୍ୱିତୀୟ ସ୍ଥାନରେ ରହିଛି ସମ୍ବଲପୁର ଜିଲ୍ଲା । ଜିଲ୍ଲାରେ ରହିଛି ମୋଟ୍ ୨୭୬ଟି ମନ୍ଦିର । ସମୁଦାୟ ୧୧ଟି ଜିଲ୍ଲାରେ ୧୦୦ରୁ ଉର୍ଦ୍ଧ୍ୱ ଓ କଟକ ଜିଲ୍ଲାରେ ଯଥାକ୍ରମେ ୨୧୬ ଓ ୨୪୪ଟି ଶ୍ରୀଜଗନ୍ନାଥ ମନ୍ଦିର ରହିଛି । ସମଗ୍ର ପଶ୍ଚିମ ଓଡ଼ିଶାରେ ସମ୍ବଲପୁର ଜିଲ୍ଲା ପ୍ରଥମ ସ୍ଥାନରେ ରହିଥିବାବେଳେ ଏହା ପଛକୁ ରହିଛି ବଲାଙ୍ଗୀର ଜିଲ୍ଲା । ଏହି ଜିଲ୍ଲାରେ ୧୯୩ଟି ଜଗନ୍ନାଥ ମନ୍ଦିର ରହିଛି । ସେହିପରି ବରଗଡ଼ ଜିଲ୍ଲାରେ ୧୬୮ଟି ମନ୍ଦିର ରହିଥିବା ବେଳେ ବୌଦ୍ଧ ଜିଲ୍ଲାରେ ୫୫ଟି ଓ ସୁବର୍ଣ୍ଣପୁର ଜିଲ୍ଲାରେ ୫୭ଟି ମନ୍ଦିର ରହିଛି । ସେହିପରି ଉପକୂଳବର୍ତୀ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲା ମଧ୍ୟରୁ ଜଗତ୍‌ସିଂହପୁରରେ ସର୍ବାଧିକ ୧୫୨ଟି, ଯାଜପୁରରେ ୧୨୨ଟି ଓ ବାଲେଶ୍ୱର ଜିଲ୍ଲାରେ ୧୧୪ଟି ମନ୍ଦିର ରହିଥିବାବେଳେ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାରେ ୧୦୯ଟି ଜଗନ୍ନାଥ ମନ୍ଦିର ରହିଛି । ପୁରୀ ଶ୍ରୀମନ୍ଦିର ବ୍ୟତୀତ ବିନିକା ଶ୍ରୀଜଗନ୍ନାଥ ମନ୍ଦିର ସର୍ବ ପୁରାତନ । ଏହା ୧୨୩୦ ମସିହାରେ ନିର୍ମିତ ହୋଇଥିବା ବେଳେ ପାଟଣାଗଡ଼ ମନ୍ଦିର ୧୩୫୦ ମସିହାରେ ନିର୍ମିତ ହୋଇଛି ।

# ନୃତ୍ୟାଙ୍ଗ ଟ୍ରଷ୍ଟର ଓଡ଼ିଶୀ ନୃତ୍ୟର ବିକାଶ ପାଇଁ ଏକ ବିଶେଷ କର୍ମଶାଳା



କଟକ: (ନି. ପ୍ର.) ଓଡ଼ିଶୀ ନୃତ୍ୟର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ନୃତ୍ୟାଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ୧୦ ଜୁଲାଇ ୨୦୨୬ ତାରିଖରେ ମହାନଦୀ ବିହାର ୟୁ.ପି. ସ୍କୁଲ ଏବଂ ୧୩ ଜୁଲାଇ ୨୦୨୬ ତାରିଖରେ ଖାନନଗର ହାଇସ୍କୁଲରେ ଓଡ଼ିଶୀ ନୃତ୍ୟ କର୍ମଶାଳା ସଫଳତାର ସହ ଆୟୋଜିତ ହୋଇଥିଲା ।ଟ୍ରଷ୍ଟର ସମ୍ପାଦିକା ତଥା ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଚିସ୍ମିତା ଦାଶଙ୍କ ନେତୃତ୍ୱରେ ସଭାପତି ସରୋଜିନୀ ମିଶ୍ର, ଉପସଭାପତି ଜୀବନ ମହାରଣା ଏବଂ ପର୍ଫର୍ମିଂ ଗ୍ରୁପର ନୃତ୍ୟଶିଳ୍ପୀ ସନ୍ତୋଷୀ ରାଉତ, ଶିକ୍ଷାଶ୍ରୀ ସାମଲ, ରାଜଶ୍ରୀ ରାଉତ ଓ ଆଡିନୀ ଅର୍ପିତା ସାମନ୍ତରାୟଙ୍କ ସକ୍ରିୟ ସହଯୋଗରେ କର୍ମଶାଳା ପରିଚାଳିତ ହୋଇଥିଲା । କର୍ମଶାଳାରେ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶୀ ନୃତ୍ୟର ମୌଳିକ ଭଙ୍ଗିମା, ତାଳ, ମୁଦ୍ରା, ପରମ୍ପରା ଏବଂ ଏହାର ସାଂସ୍କୃତିକ ମହତ୍ୱ ସମ୍ପର୍କରେ ପ୍ରଶିକ୍ଷଣ ଓ ସଚେତନତା ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ । ପିଲାମାନଙ୍କ ପାଇଁ ରିଫ୍ରେସମେଣ୍ଟର ମଧ୍ୟ ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଖାନନଗର ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ପ୍ରମୋଦ ନାଥ ଦେ ଏବଂ ମହାନଦୀ ବିହାର ୟୁ.ପି. ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସ୍ମୃତି ନିବେଦିତା ନାୟକଙ୍କୁ ନୃତ୍ୟାଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଉତରୀୟ, ପୁଷ୍ପଗୁଚ୍ଛ ଓ ସ୍ମାରକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହଯୋଗ ପାଇଁ ଟ୍ରଷ୍ଟ ପକ୍ଷରୁ କୃତଜ୍ଞତା ଜଣାଯାଇଥିଲା । ଛାତ୍ରଛାତ୍ରୀଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହଯୋଗ ଯୋଗୁଁ ଉଭୟ କର୍ମଶାଳା ସଫଳତାର ସହ ସମାପ୍ତ ହୋଇଥିଲା । ନୃତ୍ୟାଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଆଗାମୀ ଦିନରେ ମଧ୍ୟ ଓଡ଼ିଶୀ ନୃତ୍ୟର ପ୍ରଚାର ଓ ପ୍ରସାର ନିମନ୍ତେ ଏଭଳି ପ୍ରଶିକ୍ଷଣମୂଳକ କାର୍ଯ୍ୟକ୍ରମ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଜାରି ରହିବ ବୋଲି ସୂଚନା ଦିଆଯାଇଛି ।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ସେବା ପାଇଁ ଏମ୍‌ସିଏଏମ୍‌ର ଜଳଛତ୍ର ଉଦ୍‌ଘାଟିତ

ବାରିପଦା : ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାରିପଦାର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ଜିଲ୍ଲା ତଥା ପଡ଼ୋଶୀ ଜିଲ୍ଲାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ । ପ୍ରବଳ ଗ୍ରୀଷ୍ମ ଓ ଭିଡ଼କୁ ଦୃଷ୍ଟିରେ ରଖି ଭକ୍ତମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ମୟୂରଭଞ୍ଜ କଲେଜ ଅଫ୍ ଆକାଉଂଟାନ୍ସି ଆଣ୍ଡ ମ୍ୟାନେଜମେଂଟ (ଏମସିଏଏମ) ର ଏନ୍‌ଏସ୍‌ଏସ୍ ଓ ୟୁଥ୍ ରେଡକ୍ରସ୍ ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ଏକ ଜଳଛତ୍ର ଉଦ୍‌ଘାଟିତ ହୋଇଛି । ପୂର୍ବାହ୍ନ ୧୧ଟାରେ ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର ଜଳଛତ୍ରକୁ



ଉଦ୍‌ଘାଟନ କରି ଏଭଳି ସେବାମୂଳକ ପଦକ୍ଷେପର ଉଚ୍ଚ ପ୍ରଶଂସା କରିଥିଲେ । ସମାଜସେବା ଓ ମାନବିକତାର ବାର୍ତ୍ତା ବହନ କରୁଥିବା ଏଭଳି କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କ ସକ୍ରିୟ ଅଂଶଗ୍ରହଣ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ବୋଲି ସେ କହିଥିଲେ । ଏହି ଅବସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ବୁଧାନ ମୁର୍ମୁ, ଏବିଭିପିର ରାଜ୍ୟ ସଭାପତି ଡ଼. ଦେବେଶ ଚନ୍ଦ୍ର ହୋତା, କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ, ମେରା ଯୁବା ଭାରତର ଜାତୀୟ ସ୍ତରର ସ୍ୱେଚ୍ଛାସେବକ ସାଇ ରଞ୍ଜନ ଲେଙ୍କା, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ନାୟକ, ୟୁଥ୍ ରେଡକ୍ରସ୍ କାର୍ଯ୍ୟକ୍ରମ ଅଧିକାରୀ ପୂଜା ଶତପଥୀଙ୍କ ସମେତ କଲେଜର ଏନ୍‌ଏସ୍‌ଏସ୍ ଓ ୟୁଥ୍ ରେଡକ୍ରସ୍ ସ୍ୱେଚ୍ଛାସେବକମାନେ ଉପସ୍ଥିତ ଥିଲେ । ରଥଯାତ୍ରା ଅବଧିରେ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ବିଶୁଦ୍ଧ ପାନୀୟ ଜଳ ବଂଟନ କରାଯିବା ସହ ସ୍ୱେଚ୍ଛାସେବକମାନେ ଭକ୍ତମାନଙ୍କ ସହାୟତା, ଶୃଙ୍ଖଳା ରକ୍ଷା ଏବଂ ସେବା କାର୍ଯ୍ୟରେ ମଧ୍ୟ ସକ୍ରିୟ ଭାବେ ନିୟୋଜିତ ରହିବେ । କଲେଜର ଏହି ସେବାମୂଳକ ପଦକ୍ଷେପକୁ ସାଧାରଣ ଲୋକ ଓ ଶ୍ରଦ୍ଧାଳୁମାନେ ଭୂୟସୀ ପ୍ରଶଂସା କରିଛନ୍ତି ।

# ଆଇନ ସଚେତନତା ଶିବିର

ଜୟପୁର : (ହି.ସ.) – ଦାରିଦ୍ର୍ୟ ଦୂରୀକରଣ ଯୋଜନାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଜୟପୁର ଆନୁକୂଲ୍ୟରେ ଶ୍ରୀ ପ୍ରଦୀପ କୁମାର ମହନ୍ତ ଜିଲ୍ଲା ଜଜ୍ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଜୟପୁରଙ୍କ ତତ୍ୱବଧାନ କୁନ୍ଦ୍ରା ବ୍ଲକ ସଭା ଗୃହ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସଚିବ ତଥା ଲୋକ ଅଦାଲତ ବିଚାରପତି ମୁଖ୍ୟ ଅତୀଥି ଭାବରେ ଯୋଗ ଦେଇଥିଲେ । ଅନ୍ୟଅତିଥିମାନଙ୍କ ମଧ୍ୟରେ ଡେପୁଟି ଚିଫ୍ ଲିଗାଲ ଡିଫେନ୍ସ କାଉନସେଲ, ଶ୍ରୀ ହରିଶ୍ଚନ୍ଦ୍ର ମୁଦୁଲି, କେ.ଦିବାକର ରାଓ, ସ୍ୱତନ୍ତ୍ର ପି.ପି. ସ୍ୱତନ୍ତ୍ର ପୋକ୍ସ କୋର୍ଟର ଶ୍ରୀ ପି.ସନ୍ୟାସି ରାଓ ଏବଂ ସି.ଡି.ପି.ଓ., କୁନ୍ଦ୍ରା ଶର୍ମିଷ୍ଠା ନାୟକ ଯୋଗ ଦେଇଥିଲେ । ଏଥିରେ ଜାତୀୟ ଆଇନ ସେବା ପ୍ରାଧିକରଣ, ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, ଏବଂ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଦ୍ୱାରା ରହିଥିବା ଜନଉପଯୋଗୀ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲ । ଯଥା ବାଲ୍ୟ ବିବାହ ଆଇନ, ଏସିଡି ଆକ୍ରମଣ, ଦାରିଦ୍ର୍ୟ ଦୂରିକରଣ, ମାଦକ ଦ୍ରବ୍ୟ, ନାରୀଚାଲାଣା, ପ୍ୟାନେଲ ଆଇନଜୀବି ନିଯୁକ୍ତି, ପୋକ୍ସ ଆକ୍ଟ, ପାରାଲିଗାଲ ସ୍ୱେଚ୍ଛାସେବୀ, ପାରା-ଲିଗାଲ୍ ସ୍ୱେଚ୍ଛାସେବକ ଅର୍ଥ ହେଉଛି ଯାହା ପାରା ଲିଗାଲ୍ ସ୍ୱେଚ୍ଛାସେବକଙ୍କ ପାଇଁ ଯୋଜନା(ସଂଶୋଧିତ) ଅନ୍ତର୍ଗତ ପରିଭାଷିତ ଏବଂ ପ୍ରଶିକ୍ଷିତ- ଏବଂ ତାଲିମ ପାଇଁ ଓରିଏଂଟେସନ୍-ପ୍ରେରଣା-ରିଫ୍ରେସର ପାଠ୍ୟକ୍ରମ ପାଇଁ ମଡ୍ୟୁଲ୍ । ୭) 'ଦାରିଦ୍ର୍ୟ ଦୂରୀକରଣ ଯୋଜନା' ଅର୍ଥ ହେଉଛି କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଯେକୌଣସି ଯୋଜନା/କାର୍ଯ୍ୟକ୍ରମ/- ଯାହା ଦାରିଦ୍ର୍ୟର ଯେକୌଣସି ଦିଗକୁ ସମାଧାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏଥିରେ ସାମାଜିକ ସୁରକ୍ଷା ପଦକ୍ଷେପ ମଧ୍ୟ ଅନ୍ତର୍ଭୁକ୍ତ । ୮) 'ଯୋଜନା ହିତାଧିକାରୀ' ଅନ୍ତର୍ଭୁକ୍ତ: ଇତ୍ୟାଦି ଉପସ୍ଥିତ ଥିବା ଏମ୍‌ବିକେ, ସିଆର୍‌ପିଏଫ୍, ଅଙ୍ଗନୱାଡ଼ି, ଆଶା କର୍ମୀମାନଙ୍କୁ ବୁଝାଇଥିଲେ ।

# ବିଦ୍ୟୁତ ଝଟକା ମେସିନ ସଂସ୍ପର୍ଶରେ ଆସି ଦୁଇ ମୃତ

ସିମୁଳିଆ : (ନିପ୍ର)-ପଶୁ ବନ୍ୟ ଜନ୍ତୁଙ୍କ ଦାଉରୁ ଧାନ ତଳିକୁ ଉଦ୍ଧାର କରିବା ନିମନ୍ତେ ବିଦ୍ୟୁତ ଝଟକା ଲଗାଇ ନିଜେ ବିଦ୍ୟୁତ ଶିକାର ହୋଇଥିଲେ । ଏଭଳି ଘଟଣା ଦେଖି ମହିଳା ଉଦ୍ଧାର କରିବା ସମୟରେ ବିଦ୍ୟୁତ ଆଘାତ ପାଇ ଦୁଇ ଜଣ ମୃତ୍ୟୁ କ୍ଷ ଏଭଳି ଦୁଃଖଦ ଘଟଣା ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖାଲିଯାଇଛି କ୍ଷ ସୂଚନାରୁ ପ୍ରକାଶ ସିମୁଳିଆ ଥାନା ଅନ୍ତର୍ଗତ ଈଶ୍ୱରପୁର ପଂଚାୟତର ଚନ୍ଦ୍ରପଡା ଗ୍ରାମର , ମହେଶ୍ୱର ଦାସ (୫୫)ବର୍ଷ ନିଜର ଚାଷ ଜମି ଅଡା ପଂଚାୟତର ଦକ୍ଷିଣ ଅଡା ମଇଁଷା ମୁଣ୍ଡା ଅଂଚଳରେ ଗୃହପାଳିତ ପଶୁ ଓ ବନ୍ୟ ଯନ୍ତୁଙ୍କ ଦାଉରୁ ଧାନ ତଳି ଉଦ୍ଧାର କରିବା ପାଇଁ ବିଦ୍ୟୁତ ଝଟକା ମେସିନ ଲଗାଇଥିଲେ । ଆଜି ସକାଳେ ମେସିନଟିକୁ ବନ୍ଦ କରିବାକୁ ଯାଇ ବିଦ୍ୟୁତ ସଂସ୍ପରରେ ଆସି ଛିଟିକି ପଡ଼ିଥିଲେ କ୍ଷ ସେଇ ସମୟରେ ମହିଳା ବିରା ମୁଣ୍ଡା ମହେଶ୍ୱରଙ୍କୁ ଉଦ୍ଧାର କରିବାକୁ ଯାଇ ମଧ୍ୟ ବିଦ୍ୟୁତ ଆଘାତରେ ଶିକାର ହୋଇଥିଲେ କ୍ଷ ଖବର ପାଇ ସ୍ଥାନୀୟ ଲୋକ ଦୁଇ ଜଣଙ୍କୁ ଉଦ୍ଧାର କରି ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ ମାତ୍ର କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ କ୍ଷ ଖବର ପାଇ ସିମୁଳିଆ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି କ୍ଷ

# ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ତାଲିମ ପ୍ରଶିକ୍ଷଣ ଉଦ୍‌ଘାଟିତ




ଭଦ୍ରକ : ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଆତ୍ମରକ୍ଷା କୌଶଳ ତାଲିମ ପ୍ରଶିକ୍ଷଣ ଉଦ୍‌ଘାଟନୋତ୍ସବ ଅଧ୍ୟକ୍ଷ ଡଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ମହାବିଦ୍ୟାଳୟର 'ଶକ୍ତିଶ୍ରୀ' ଆନୁକୁଲ୍ୟରେ ତା ୧୭.୭.୨୬ ରିଖ ଠାରୁ ତା ୨୩.୭.୨୬ରିଖ ପର୍ଯ୍ୟନ୍ତ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟ ଚାଲିବ ବୋଲି ସଂଯୋଜିକା ପ୍ରଭାତୀ ନାୟକ ସ୍ୱାଗତ ଭାଷଣରେ ମତବ୍ୟକ୍ତ କରିଥିବା ବେଳେ ସମାଜସେବୀ ବସୁମିତା ସାହୁ, ସମ୍ମାନିତ ଅତିଥି ଅକ୍ଷୟ କୁମାର ପାଣିଗ୍ରାହୀ, ନୋଡ଼ାଲ ଅଫିସର ଶୁକଦେବ ପଣ୍ଡା ଓ ତାଲିମପ୍ରାପ୍ତ ପ୍ରଶିକ୍ଷିକା ମନୋରମା ରାଉତ ପ୍ରମୁଖ ଯୋଗଦାନ କରି ନାରୀ ଆତ୍ମସୁରକ୍ଷା, ନାରୀ ଆତ୍ମ ନିର୍ଭରତା ଓ ନାରୀ ସଶକ୍ତିକରଣ ଉପରେ ଅତିଥିମାନେ ଭିନ୍ନ ଭିନ୍ନ ମତବ୍ୟକ୍ତ କରିଥିଲେ । ଅନ୍ୟପକ୍ଷରେ ଅଧ୍ୟକ୍ଷ ଡ଼ଃ ମିଶ୍ର ଛାତ୍ରୀମାନେ ନିଜେ ନିଜକୁ ସୁରକ୍ଷିତ କରିପାରିଲେ ସମାଜକୁ ନୂତନ ରୂପ ଦେବ ବୋଲି ମତବ୍ୟକ୍ତ କରିଥିଲେ । ପରିଶେଷରେ ରଘୁନାଥ ନାୟକ ଓ ଗୌରାଙ୍ଗ ଦାସ ପ୍ରମୁଖ ସଭା ସଂଚାଳନ କରିଥିଲେ ।

# ସସ୍ମିତା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏସ୍ ସି ବି ମେଡ଼ିକାଲରେ ଅନ୍ନଦାନ



କଟକ: (ନି. ପ୍ର.) ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲକୁ ପ୍ରତିଦିନ ହଜାର ହଜାର ରୋଗୀ ଚିକିତ୍ସା ହେବା ପାଇଁ ଆସୁଛନ୍ତି । ରୋଗୀମାନେ ଚିକିତ୍ସା ପାଇଁ ମେଡିକାଲରେ ଆଡିମିଶନ ହୋଇ ଅନେକ ଦିନ ରହିଥାନ୍ତି । ରୋଗୀ ଓ ସେମାନଙ୍କ ପରିବାର ଲୋକେ ଖାଇବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଏହି ସମସ୍ୟାକୁ ଗୁଣ୍ଡୁଚି ମୂଷାପରି ସାହାଯ୍ୟର ହାତ ବଢାଇଛି ସସ୍ମିତା ଚାରିଟେବୁଲ ଟ୍ରଷ୍ଟ । ପ୍ରାୟ ଦୁଇ ଶହ ଲୋକ ପାଇଁ ଗତ ରାତିରେ ରୋଟି ଓ ଡାଲମା ଏହି ଟ୍ରଷ୍ଟ ବ[ନ କରିଥିଲା । ସସ୍ମିତା ବାରିକ, ମାଗୁଣି ଚରଣ ବାରିକ, କରିସ୍ମା ବାରିକ, ସର୍ଗ ନାୟକ, ଝରଣା ବେହେରା, ଚିତରଞ୍ଜନ ଦାସ, ସରସ୍ୱତୀ ବେହେରା, ସରସ୍ୱତୀ ବାରିକ, କମଲେଶ ଗୁପ୍ତା, ପ୍ରିୟ ମହାପାତ୍ର, ଲକ୍ଷ୍ମୀ ବିଶ୍ୱାଳ ଏବଂ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଏହିପୂଣ୍ୟ କାର୍ଯ୍ୟରେ ସହଯୋଗ କରିଆଗେଇ ନେଇଥିଲେ ।

# ଗଜବନ୍ଧରେ ମଦ ପିଇ ଦୁଇ ଭାଇଙ୍କ ମୃତ୍ୟୁ

ବଲାଙ୍ଗିର : (ହି.ସ.) ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଥାନା ଅଂଚଳରେ ଆଜି ମଦ ପିଇ ଗୋଟିଏ ପରିବାରର ଦୁଇ ଭାଇଙ୍କ ମୃତ୍ୟୁ ହୋଇଥିବା ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରାପ୍ତ ସୂଚନା ଅନୁସାରେ ଗଜବନ୍ଧ ଗ୍ରାମର ସନ୍ତୋଷ ରାଜହଂସ (୩୮), ତେଜରାଜ ରାଜହଂସ (୪୨) ଏବଂ ଅନ୍ୟ ଭାଇ ସବୁଠାରୁ ବଡ । ସନ୍ତୋଷ ରାଜହଂସ ଅତାବିରା ଅଂଚଳରେ ଏକ ସିକ୍ୟୁରିଟି ଗାଡ ଭାବରେ କାମ କରନ୍ତି । ଅନ୍ୟ ଭାଇ ମାନେ ଗାଁରେ ରହନ୍ତି । ବଡଭାଇର ଝିଅ ଗାଁରେ ବିବାହ କରିଛି । ତାଙ୍କର ଏକ ପୁଅର ଆଜି ଅନ୍ନ ପ୍ରାସନ କାର୍ଯ୍ୟକ୍ରମ ରହିଥିଲା । ସନ୍ତୋଷ ଏବଂ ମଝିଆ ଭାଇ ତେଜରାଜ ଦୁହେଁ ମଦ ପିଇଥିଲେ । ବଡ ଭାଇ ପରେ ପିଇବି ବୋଲି କହିଥିଲେ ବୋଲି ଅଂଚଳରେ ଆଲୋଚନା ହେଉଛି । ଦୁଇ ଭାଇ ମଦ ପିଇବା ପରେ ଅସୁସ୍ଥ ହୋଇ ପଡିଥିଲେ । ସଙ୍ଗେ ସଙ୍ଗେ ସାନ ଭାଇ ସନ୍ତୋଷକୁ ଡୁଙ୍ଗୁରିପାଲି ଡାକ୍ତରଖାନାକୁ ଆଣିଥିଲେ । ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଡାକ୍ତର ପ୍ରକାଶ କରିଛନ୍ତି । ଅନ୍ୟ ଭାଇ ତେଜରାଜକୁ ବରପାଲି ଡାକ୍ତରଖାନା ନିଆଯାଇଥୁଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ଖବର ପାଇ ରାମପୁର ଥାନାଧୁକାରିଣୀ ବିନୋଦିନୀ ବରିହା ଡୁଙ୍ଗୁରିପାଲି ଡାକ୍ତରଖାନା ପହଂଚି ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବିନିକା ପଠାଇଛନ୍ତି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣା ପଡିବ ବୋଲି ପୁଲିସ ପକ୍ଷରୁ ସଫେଇ ଦିଆଯାଇଥିବା ବେଳେ ପରିବାରର ଜଣେ ସଦସ୍ୟ 'ମଦ ପିଇ ମୋର କାକାର ମୃତ୍ୟୁ ହୋଇଛି' ବୋଲି ବୟାନ ଦେଇଛି । ମଦକେଉଁଠି ଆସିଥିଲା, ତାହା ବିଷାକ୍ତ ଥୁଲା କି, ସେଥିରେ ଅନ୍ୟ କୌଣସି ରାସାୟନିକ ଦ୍ରବ୍ୟ ମିଶା ଯାଇଥୁଲା କି ? ଯାହାକି ପୁଲିସ ପାଇଁ ଏକ ଚାଲେଞ୍ଜ ସୃଷ୍ଟି କରିଛି । ଗତ କିଛି ଦିନ ହେବ ରାମପୁର ଥାନା ଅଂଚଳରେ ଦେଶୀ ରନ୍ଧା ମଦର ବନ୍ୟା ଛୁଟିଥୁବା ଖୋଦ ରାମପୁର ସରପଂଚ ମନୋଜ ପୁରୋହିତଙ୍କ ସମେତ ଗ୍ରାମର ଶତାଧୁକ ମହିଳା, ସଚେତନ ବ୍ୟକ୍ତି ଥାନା ଏବଂ ପ୍ରସାଶନ ନିକଟରେ ଅଭିଯୋଗ କରି ଆସିଥିଲେ । ଏହି ଅଂଚଳ ନିଶା କାରବାରର ହପ ପାଲଟିଛି ବୋଲି ମଧ୍ୟ ଏମାନେ ଆଗରୁ ଅଭିଯୋଗ କରି ଆସୁଛନ୍ତି । ଯାହାକି ଆଜି ପ୍ରମାଣିତ ହେବାରେ ଲାଗିଛି ।

# ପାଟଣେଶ୍ୱରୀ ଦେବୀଙ୍କ ଲାଖରେ ନିର୍ମାଣ ହୋଇଥିବା ଫଟୋଚିତ୍ର ରାଜଭବନ ଯିବ

ବଲାଙ୍ଗୀର : (ହି.ସ.) – ବଲାଙ୍ଗୀର ପାଟଣା ରାଜ୍ୟର ଇଷ୍ଟଦେବୀ ମା ପାଟଣେଶ୍ୱର ଦେବୀ ୧୫୦ ବର୍ଷ ପୂର୍ତ୍ତି ଅବସରରେ ରାଜଧାନୀରେ ହେବାକୁ ଥିବା ମହୋତ୍ସବ ଅଗଷ୍ଟ ମାସରେ ହେବାକୁ ଥିବା ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ନିଷ୍ପତି ନେଇଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ନେତୃତ୍ୱରେ ମହାମହିମ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ, ପୁରୀ ଗଜପତି ମହାରାଜ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀମାନଙ୍କୁ ବଲାଙ୍ଗିର ମାଁ ପାଟଣେଶ୍ୱରୀ ମହୋତ୍ସବର ଅନୁଷ୍ଠିତ ହେବ ଏବଂ ସ୍ମରଣିକା ପ୍ରଦାନ କରାଯିବ । ଆଗାମୀ ଅଗଷ୍ଟ ମାସରେ ହେବାକୁ ଥିବା ପାଟଣେଶ୍ୱରୀ ମହୋତ୍ସବ ଏକ କିଲୋ ଲାଖରେ ନିର୍ମାଣ ହୋଇଥିବା ମାଁ ପାଟଣେଶ୍ୱରୀ ଫଟୋଚିତ୍ର ବାରଗୁଡୁଗିଆ ର ଝିଅ ରାଜରାଜଶ୍ୱରୀ ମିଶ୍ର ନିର୍ମାଣ କରିଥିବା ଫଟୋଚିତ୍ର ରାଜଭବନରେ ପ୍ରଦାନ କରାଯିବ ।

# ସୋର ଷ୍ଟେସନ ରୋଡ଼ ରଥଯାତ୍ରା



ସୋର : (ସପ୍ର)- ସୋର ଷ୍ଟେସନ୍ ରୋଡ଼ ଶ୍ରୀଗୁଣ୍ଡିଚା ରଥ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିକୂଳ ପାଗ ସତ୍ୱେ ଗତକାଲି ସକାଳଠାରୁ ମୁଖ୍ୟ ପୁରୋଧା ରମେଶ ଚନ୍ଦ୍ର ସାହୁଙ୍କ ପରିଚାଳନାରେ ପୂଜକମାନେ ଠାକୁରଙ୍କ ନିତିକାନ୍ତି ଏବଂ ରଥ ପୂଜନ କାର୍ଯ୍ୟ ସମାପନ କରାଯାଇଥିଲା । ସଂଧ୍ୟାରେ ପହଣ୍ଡି ବିଜେ କରାଯାଇ ଶ୍ରୀଠାକୁର ରଥାରୋହ ହେବା ପରେ ଶ୍ରଦ୍ଧାଳୁମାନଙ୍କର ଦର୍ଶନ ଏବଂ ପୂଜନ କରାଯାଇଥିଲା । ଏହା ପରେ ଛଛରା ପହଁରା ଶେଷ ହେବାପରେ ରଥକୁ ଭକ୍ତମାନେ ଟାଣିଟାଣି ଷ୍ଟେସନଛକସ୍ଥିତ ଦୁର୍ଗା ମଣ୍ଡପ ମାଉସୀମା ମନ୍ଦିରକୁ ନିଆଯାଇଥିଲା । ଆଜି ସଂଧରେ ମାଉସୀମା ମନ୍ଦିର ନିକଟରେ ଏକ ଭଜନ ସଂଧ୍ୟାକୁ ସୋର ତହସିଲଦାର କୃଷ୍ଣମୋହନ ସିଂହ ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପରୀକ୍ଷିତ ସାହୁ, ହରିଶ ଚନ୍ଦ୍ର ରାୟ, ନାରାୟଣ ପ୍ରସାଦ ନାୟକ, ମହେଶ୍ୱର ବେହେରା, ରଶ୍ମିତା ସାହୁ, ରଶ୍ମିତା ପୃଷ୍ଟି, ମନୋଜ ରାୟ, ପର୍ଶୁରାମ ଓଝା, ବ୍ରଜମୋହନ ପଣ୍ଡା ପ୍ରମୁଖ ସହାୟତା କରିଥିଲେ ।

# ନୂଆପଡ଼ାରେ ମୃତିକା ସଂରକ୍ଷଣ ନିର୍ଦ୍ଦେଶକଙ୍କ ଦୁଇ ଦିନିଆ ଗସ୍ତ ଖଡିଆଳ ବ୍ଲକରେ ଜଳସଂରକ୍ଷଣ ଓ ଜୀବିକାଭିତିକ ପ୍ରକଳ୍ପର ସ୍ଥଳ ପରିଦର୍ଶନ

ନୂଆପଡ଼ା :(ନି.ପ୍ର) ଦୁଇ ଦିନିଆ ନୂଆପଡ଼ା ଜିଲ୍ଲା ଗସ୍ତରେ ମୃତିକା ସଂରକ୍ଷଣ ଓ ଜଳବିଭାଜିକା ବିକାଶ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଆସି ଖଡ଼ିଆଳ ବ୍ଲକର ବିଭିନ୍ନ ପଂଚାୟତରେ ପରିଦର୍ଶନ କରି ମୃତିକା ସଂରକ୍ଷଣ, ଜଳ ସଂରକ୍ଷଣ, କୃଷି ଓ ଜୀବିକାଭିତିକ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ । ଗସ୍ତ ଅବସରରେ ସେ ପ୍ରଥମେ ଦାବରୀ ପଂଚାୟତର ଭୈରାଜପୁର ଗ୍ରାମକୁ ଯାଇ ପ୍ରଧାନମନ୍ତ୍ରୀ କୃଷି ଶିଂଚାୟୀ ଯୋଜନା (ଚଗକଝଣ) ଅଧୀନରେ ବତକ ପାଳନ ପାଇଁ ସହାୟତା ପାଇଥିବା ଗୋମାତା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା



ମାନଙ୍କ ସହ ଆଲୋଚନା କରିଥିଲେ । ସେମାନଙ୍କର ବାର୍ଷିକ ଆୟ, ଜୀବିକାରେ ଆସିଥିବା ପରିବର୍ତନ ଏବଂ ଯୋଜନାର ସଫଳତା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଅବସରରେ ସେ ସ୍ଥାନୀୟ ଚାଷୀ ଶରଣ ବଛାଙ୍କ ଜମିରେ ଗୋଷ୍ଠୀର ସଦସ୍ୟାମାନଙ୍କ ସହ ମିଶି ଆମ୍ବ ଓ ନଡ଼ିଆ ଚାରା ରୋପଣ କରି ପରିବେଶ ସୁରକ୍ଷା ଓ ଫଳଚାଷକୁ ପ୍ରୋତ୍ସାହିତ କରିଥିଲେ । ପରବର୍ତୀ ପର୍ଯ୍ୟାୟରେ ସେ ଚାଷୀ ଅଜିତ ହେର୍ଣ୍ଣା ଓ ଭାସ୍କର ହେର୍ଣ୍ଣାଙ୍କ ଖେତ ପୋଖରୀ ପରିଦର୍ଶନ କରିବା ସହ ନାରୀଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ କୁକୁଡ଼ା ପାଳନ ପ୍ରକଳ୍ପ ବୁଲି ଦେଖିଥିଲେ ।

# ବାଇକ୍ ସହିତ ୧୮ ଲିଟର ଦେଶୀ ମଦ ଜବତ, ୧ ଗିରଫ

ଭୁବନ : ହି.ସ.)- ଢେଙ୍କାନାଳ ଜିଲ୍ଲା ଭୁବନ ଅବକାରୀ ବିଭାଗ ଦ୍ୱାରା ଏକ ବାଇକ ସହିତ ୧୮ ଲିଟର ଦେଶୀ ମଦ ଜବତ ହୋଇଥିବା ଜଣାପଡ଼ିଛି । ପ୍ରାପ୍ତ ସୂଚନାନୁଯାୟୀ, ଢେଙ୍କାନାଳ ଜିଲ୍ଲାପାଳ ଓ ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଭୁବନ ଅବକାରୀ ଉପ ନିରୀକ୍ଷକ ବୁଲୁ ପାତ୍ର ପାଟ୍ରୋଲିଂରେ ଯାଇଥିବା ବେଳେ ଏକ ବାଇକରେ ବିପୁଳ ଦେଶୀ ମଦ ଆସୁଥିବା ଖବର ପାଇ ଭୁବନ ଥାନା ଅନ୍ତର୍ଗତ ମୃଦଙ୍ଗା ପଂଚାୟତ ନୂଆହାଟଠାରେ ଓଡ଼ି୦୪ ଏଚ ୩୧୫୦ ବିଶିଷ୍ଟ ମୋଟର ସାଇକେଲକୁ ଅଟକ ରଖି ଚଢ଼ଉ କରି ୧୮ ଲିଟର ଦେଶୀ ମଦ ଜବତ କରିବା ସହିତ ପୁରୁଷୋତମ ସାମଲ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଅବକାରୀ କାର୍ଯ୍ୟାଳୟକୁ ଆଣିଥିଲେ । କେଶ୍ ନଂ ୫୪/ ୨୦୨୬-୨୭ ରେ ମାମଲା ରୁଜ୍ଜୁ କରାଯାଇଥିଲା । ପରେ ବି ଏନ୍ ଏସ ଧାରା ୩୫(୩) ଆଧାରରେ ତାଙ୍କୁ ଜାମିନରେ ଛଡ଼ା ଯାଇଥିଲା । ଭୁବନ ଅବକାରୀ ସବ୍ ଇନ୍ସପେକ୍ଟର ବୁଲୁ ପାତ୍ରଙ୍କ ତତ୍ତ୍ୱାବଧାନରେ କନଷ୍ଟେବଲ ଶ୍ରଦ୍ଧାଞ୍ଜଳି ସାମଲ, ସୁଜିତ ନାୟକ, ଆଲୋକ କୁମାର ଜେନା ପ୍ରମୁଖ ଏହି ଚଢ଼ଉରେ ସହଯୋଗ କରିଥିଲେ ।

# ଫୁଲବାଣୀରେ ଶ୍ରୀ ଜଗନ୍ନାଥ ଓ ତିନି ଠାକୁରଙ୍କ ରଥଯାତ୍ରା ବହୁ ଆଡ଼ମ୍ବରରେ ପାଳିତ

କନ୍ଧମାଳ : (ହି.ସ.) – ଫୁଲବାଣୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ତିନି ଠାକୁରଙ୍କ ରଥ ଯାତ୍ରା, ବହୁ ଆଡ଼ମ୍ବରରେ ପାଳିତ ହୋଇଛି । ଆଜି ସକାଳେ ମଙ୍ଗଳ ଆଳତି, ରୋଷଘର ହୋମ, ସୂର୍ଯ୍ୟ ପୂଜା, ମଇଲମ ତଡପଲାଗି, ଦ୍ୱାରପାଳ ପୂଜା, ଆକାଶ, ରାଜା ନିମନ୍ତ୍ରଣ, ପୂଜା ଓ ମଙ୍ଗଳାର୍ପଣ, ତିନି ଠାକୁରଙ୍କ ପହଣ୍ଡି, ବିଜେପିରେ, କନ୍ଧମାଳ ଜିଲ୍ଲାପାଳଙ୍କ ଦ୍ୱାରା ପଛେରାପହଁରା ନିତି ଶେଷ ହେବା ପରେ ଅଧରପଣା ଭୋଗ ଓ ପ୍ରସାଦ ସେବନ ପରେ ରଥଟଣା କାର୍ଯ୍ୟକ୍ରମ ଆରମ୍ଭ କରା ଯାଇଥିଲା । ରଥଟଣା କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ କନ୍ଧମାଳ ଜିଲ୍ଲା ପରିଷଦ ଶ୍ରୀ ଶମ୍ଭୁନାଥ ନନ୍ଦୀ, ପୋଲିସ ବାହିନୀର ଜବାନମାନେ ରଥଟଣା କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ସମ୍ପାଦନ କରିବା ଏସଡିପିଓ ଶ୍ରୀ ଶୁଭ୍ରଜିତ ବିଶ୍ୱାଳ ଓ ଅନ୍ୟ ଉଚ୍ଚ ଅଧିକାରୀ ମାନେ ପରିଚାଳନା କରିଥିଲେ । ରଥଟଣା କାର୍ଯ୍ୟକୁ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ୱେଚ୍ଛାସେବୀ ମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ଶ୍ରୀ ସୂନାଶୀର ମହାପାତ୍ର ଓ ସମ୍ପାଦକ ହରିଷ୍ଚନ୍ଦ୍ର ମହାରଣାଙ୍କ ଦେଖରେ ସମସ୍ତ ରିତିନୀତି ସମ୍ପୂର୍ଣ୍ଣ କରାଯାଇଛି । ଆଜି ବର୍ଷା ଯୋଗୁଁ ସାମାନ୍ୟ ବିଳମ୍ବ ହୋଇଥିବା ଯୋଗୁଁ ରଥ ଗୁଣ୍ଡିଚା ମନ୍ଦିରରେ ପହଂଚି ପାରିନଥିଲା । ତେଣୁ ସଂନ୍ଧ୍ୟା ଆଳତି ପରେ, ରଥ ଟଣା କାର୍ଯ୍ୟକ୍ରମ ବନ୍ଦ କରାଯାଇ ଫୁଲବାଣୀ ବଜାର ସ୍ଥିତ ଜଗନ୍ନାଥ ମାର୍କେଟ୍ ରେ ତିନି ଠାକୁରଙ୍କ ରଥକୁ ରାତ୍ରିରେ ରଖାଯାଇଛି । ସେଠାରେ ତିନି ଠାକୁରଙ୍କ ପରବର୍ତୀ ରିତିନୀତି ପାଳିତ ହେବାନେଇ ଜଣାପଡିଛି । ତେବେ ସଂନ୍ଧ୍ୟାରେ ବର୍ଷା ବନ୍ଦ ହେବା ଯୋଗୁଁ ରଥରେ ଠାକୁରଙ୍କ ଦର୍ଶନ ପାଇଁ ଭୀଡ ଲାଗି ରହିଥିବା ଦେଖିବାକୁ ମିଳିଥିଲା ।





# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠା ଦିବସ : ୬ଜଣଙ୍କୁ ଭୂମି ଗୌରବ ସମ୍ମାନ ପ୍ରଦାନ



ବାରିପଦା : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି. ଏହି ଅବସରରେ ଆୟୋଜିତ ଏକ ସମାରୋହର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହନ୍ତଙ୍କ ଅଧ୍ୟକ୍ଷତା କରିଥିଲେ. ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାର୍ବଜନୀନ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ପୂର୍ବତନ ଅଧ୍ୟକ୍ଷ ବହ୍ନି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଫେସର ରଘୁନାଥ ପଣ୍ଡା ମୁଖ୍ୟବକ୍ତା ଭାବରେ, ସମ୍ମାନନୀୟ ଅତିଥି ଭାବରେ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ ଏବଂ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜ ଦେଓ ଯୋଗଦେଇ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଠାରୁ ୨୮ବର୍ଷର ଯାତ୍ରା ଏକ ଗୌରବପୂର୍ଣ୍ଣ ବିଷୟ ବୋଲି କହିଥିଲେ. ଜିଲ୍ଲାପାଇଁ କେବଳ ଶିକ୍ଷା ନୁହେଁ, ବିଶ୍ୱବିଦ୍ୟାଳୟ ପଥପ୍ରଦର୍ଶକ ସାଜିଛି, ଆଗକୁ ଅନେକ କିଛି ସମ୍ଭାବନା ରଖିଛି ବୋଲି କହିଛନ୍ତି. ଏହି ଅବସରରେ ୬ ଜଣ ପ୍ରତିଭାଧାରୀଙ୍କୁ ଭୂମିଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା. ପରିବେଶ ସୁରକ୍ଷା ପାଇଁ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବିବେକାନନ୍ଦ ପଟ୍ଟନାୟକ, ରାଇରଙ୍ଗପୁର ନୂଆଗାଁର ଶିକ୍ଷାବିତ ହରିଶ୍ଚନ୍ଦ୍ର ହୋତା ଓ କଳା ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭଞ୍ଜପୁର ବଳରାମପୁରର ପରେଶ ଚନ୍ଦ୍ର ସାହୁ, କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ବିଶେଷ ଅବଦାନ ରଖିଥିବା ବଳାଙ୍ଗୀ ମହଣ୍ଡୋବର ପୁରଧା ଶରତ ଚନ୍ଦ୍ର ନାୟକ, ଶିକ୍ଷା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ବନଜା ମହାନ୍ତି ଓ ସମାଜ ସେବା କ୍ଷେତ୍ରରେ ଜର୍ମାନରେ ରହୁଥିବା ବେତନଟୀ ବ୍ଲକ ଗଡଦେଉଳିଆର ଇଂ ରବିନାରାୟଣ ଭୂୟାଁଙ୍କୁ ଭୂମି ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା. କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିଗଣ ପୂଣ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ. ବିଶ୍ୱବିଦ୍ୟାଳୟ ସମ୍ମେଳନ କକ୍ଷରେ ଆୟୋଜିତ ସାରରେ ସ୍ନାତକୋତର ପରିଷଦର ଅଧ୍ୟକ୍ଷ କମଳଲୋଚନ ବାରିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୁଳସଚିବ ସୁଶ୍ରୀ ସୁମିତା ସିଂ ୨୦୨୫-୨୬ ମସିହାର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ. ବିଶ୍ୱବିଦ୍ୟାଳୟର ବିତନିୟନ୍ତ୍ରକ ଭରତ ଚନ୍ଦ୍ର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ.

# ସେବା, ବନ୍ଧୁତା ଓ ମାନବିକତା ହିଁ ଇନର ହ୍ୱିଲ କ୍ଲବ୍ କଟକ ସେଂଟ୍ରାଲର ମୁଖ୍ୟ ଉଦ୍ଦେଶ୍ୟ



କଟକ: (ନି. ପ୍ର.) ବାରବାଟୀ କିଲ୍ଲା ପଡ଼ିଆ ନିକଟସ୍ଥ କଟକ କ୍ଲବ୍ ଆନେକ୍ସ -୧ ରେ ଇନର୍ ହ୍ୱିଲ କ୍ଲବ କଟକ ସେଂଟ୍ରାଲର ପ୍ରତିଷ୍ଠା ଉତ୍ସବ ସମାରୋହ ଏବଂ ନୂତନ ବର୍ଷ ପାଇଁ ନବ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଦାୟିତ୍ୱ ଅର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ଗାନକରିଥିଲେ ମମତା ପ୍ରିୟଦର୍ଶିନୀ । ଅତିଥି ପରିଚୟ ଡକ୍ଟର ରୀତା ଦାସ କରିଥିବାବେଳେ ଉପସ୍ଥାପନା ଓ କାର୍ଯ୍ୟକ୍ରମରେ ମଂଚ ପରିଚାଳନା କରିଥିଲେ ଡକ୍ଟର ପଲ୍ଲବୀ ପଟ୍ଟନାୟକ ।କଟକ ସେଂଟ୍ରାଲ ଇନର ହ୍ୱିଲ୍ କ୍ଲବର ସଭାପତି ୨୦୨୬-୨୭ ବର୍ଷ ପାଇଁ ଡକ୍ଟର ସ୍ୱାତୀ ଦାଶ ନିର୍ବାଚିତ ହୋଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ପ୍ରଫେସର ଡକ୍ଟର ଶ୍ୟାମା କାନୁନଗୋ ଉପସ୍ଥିତ ହୋଇ କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିଥିଲେ । ୨୦୨୫- ୨୬ର ସଭାପତି ଡକ୍ଟର ସୁସ୍ମିତା ମହାନ୍ତି ନୂତନ ସଭାପତି ଡକ୍ଟର ସ୍ୱାତୀ ଦାଶଙ୍କୁ ୨୦୨୬-୨ ୭ବର୍ଷ ପାଇଁ ଦାୟିତ୍ୱ ହସ୍ତାନ୍ତର କରିଥିବା ବେଳେ ୨୦୨୫-୨୬ର ସମ୍ପାଦିକା ଡକ୍ଟର ସ୍ୱାତୀ ଦାଶ ୨୦୨୬-୨୭ବର୍ଷ ପାଇଁ ନୂତନ ସମ୍ପାଦିକା ଭାବରେ ଶ୍ରୀମତୀ ଶୁଭଲକ୍ଷ୍ମୀ ମହାନ୍ତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ନୂତନ ଉପ ସଭାପତି ଭାବରେ ଡକ୍ଟର ରୀତା ଦାସ, କୋଷାଧ୍ୟକ୍ଷା ଜ୍ଞାନୀ କାନୁନଗୋ, ସହ ସମ୍ପାଦିକା ଶ୍ରୀମତୀ ଲୀଳାବତୀ ମହାନ୍ତି ଆଇ ଏସ ଓ ଶ୍ରୀମତୀ ମମତା ମହାପାତ୍ର, ପତ୍ରିକା ସମ୍ପାଦିକା ଶ୍ରୀମତୀ ପଦ୍ମଜା ତ୍ରିପାଠୀ, ସହ ସମ୍ପାଦିକା ଶ୍ରୀମତୀ ଶ୍ରୀଜିତା ଖଣ୍ଡାଇ ଏବଂ ଅନ୍ୟାନ୍ୟ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟାମାନେ ଦାୟିତ୍ୱ ଗ୍ରହଣ କରିଥିଲେ ।ସେବା , ବନ୍ଧୁତା ଓ ମାନବିକତା ଏହି କ୍ଲବର ମୂଳ ଲକ୍ଷ୍ୟ । ବୃକ୍ଷ ରୋପଣ, ଶିକ୍ଷା ସ୍ୱାସ୍ଥ୍ୟ ତଥା ମହିଳା ସଶକ୍ତିକରଣ ଉପରେ ଚଳିତ ବର୍ଷ ପାଇଁ ବହୁ କାର୍ଯ୍ୟ କରାଯିବ ବୋଲି ସଭାପତି ଓ ସମ୍ପାଦକା ବକ୍ତବ୍ୟ ରଖିଥିଲେ । ବିଭିନ୍ନ ରୋଟରୀ କ୍ଲବ ଏବଂ ଇନରହ୍ୱିଲ କ୍ଲବରେ ଭଲ କାର୍ଯ୍ୟ କରିଥିବା ପୂର୍ବତନ ସଭାପତି ସୁଚିତ୍ରା ପ୍ରସାଦ, ଜ୍ଞାନୀ ପଟ୍ଟନାୟକ, ନର୍ମଦା ମହାନ୍ତି ,ନିରୁପମା କର, କ୍ଲବର ପୂର୍ବତନ ଜିଲ୍ଲା ଚେୟାରମ୍ୟାନ ନଳିନୀ ମହାପାତ୍ର, ଚାଟାର୍ଡ ମେମ୍ବର ସୁଜାତା ମହାପାତ୍ର , ନିରଦବାଲା ଦାସ, କ୍ଲବର ପୂର୍ବତନ ସମସ୍ତ ପ୍ରେସିଡେଂଟ ଏବଂ ଅନ୍ୟାନ୍ୟ ସଦସ୍ୟା ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବାବେଳେ ଗରିବ ମେଧାବୀ ଛାତ୍ରୀଙ୍କୁ ସାଇକେଲ, ସ୍ୱାବଲମ୍ବୀ ହେବା ପାଇଁ ଗରିବ ମହିଳାକୁ ସିଲେଇ ମେସିନ୍ ଏବଂ କିଛି ମେଧାବୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କ୍ଲବର ସମସ୍ତ ସଦସ୍ୟାମାନେ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ବିପୁଳ ପରିମାଣର ଦେଶୀ ମଦ ସହିତ ବାଇକ ଓ ସ୍କୁଟି ଜବତ, ୨ ଗିରଫ



ସିମୁଳିଆ, (ନି.ପ୍ର) ବାଲେଶ୍ୱର ଅବକାରୀ ଅଧିକ୍ଷକ ଶେଖ ଅସଫ ଅଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ସିମୁଳିଆ ଥାନା ଅନ୍ତର୍ଗତ ବରପଡ଼ିଆ ଛକ ଓ ବାଲିଖଣ୍ଡ ବଜାର ନିକଟରେ ଚଢ଼ାଉ କରାଯାଇ ୨୨୦ ଲିଟର ଦେଶୀ ରନ୍ଧା ମଦ ସହିତ ଗୋଟିଏ ମୋଟର ସାଇକେଲ ଓ ଗୋଟିଏ ସ୍କୁଟି ଜବତ କରାଯିବା ସହିତ ଅବଜୁଣା ଗ୍ରାମର ମନୋଜ ବେହେରା ଓ ନଛିପୁର ଗ୍ରାମର ତପନ ବେହେରା ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ ହୋଇଥିବା ମଦ, ବାଇକ ଓ ସ୍କୁଟିର ଆନୁମାନିକ ମୂଲ୍ୟ ୧ ଲକ୍ଷ ୬୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ ପ୍ରଭୃତି ସାମିଲ ଥିଲେ । ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୦୨ ଗୋଟି ମାମଲା ରୁଜ୍ଜୁ କରାଯାଇଛି ।

# ବିଦ୍ୟାଳୟ ପରିଚଳନା କମିଟି ଗଠନ

ନୂଆପଡ଼ା : (ହି.ସ.)- ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ପିଏମ୍ ଶ୍ରୀ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ନୂତନ ପରିଚାଳନା କମିଟି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ଯୋଷୀଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଯାଇଛି । ଉପସ୍ଥିତ ସଦସ୍ୟମାନଙ୍କ ସର୍ବ ସମ୍ମତି କ୍ରମେ ପରିଚାଳନା କମିଟିର ଅଧ୍ୟକ୍ଷ ଭାବରେ ଲବ ରଣା, ଉପ ଅଧ୍ୟକ୍ଷା ଭାବରେ ସେହେନାଜ୍ ବେଗମ୍, ତଫସିଲଭୁକ୍ତ ଜାତି ଶ୍ରେଣୀରୁ ତୁଳାରାମ ସତନମୀ, ତଫସିଲଭୁକ୍ତ ଜନଜାତିରୁ ମାଣିକ୍ୟ ଶବର, ବିଶେଷ ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ଅଭିଭାବକରୁ ବାସନ୍ତୀ ବିଭାର ଏବଂ ଅନ୍ୟମାନଙ୍କ ମଧ୍ୟରୁ ନଟରାଜ ଠାକୁର, ସଙ୍ଗୀତା ବିଭାର, ଧନେଶ୍ୱର କୈବର୍ତ୍ତ, ଯଶୋଦା ଧୀବର, ଲଇବନି ସୁନା, ସୁମିତ୍ରା ଜଗତ, ମଞ୍ଜୁଳା ଶବର, ବଲ୍ଲଭ ପଟେଲ ଏବଂ କାଉନସିଲର ରେବତୀ ଶବର, ଅଙ୍ଗନବାଡ଼ି କର୍ମୀ ହେମଲତା ପଟେଲ, ଆଶାକର୍ମୀ ଗୀତାଞ୍ଜଳି ହଂସ, ବରିଷ୍ଠ ଶିକ୍ଷୟିତ୍ରୀ ରାଜଶ୍ରୀ ଦଣ୍ଡସେନା, ସଦସ୍ୟ ସଚିବ ଭାବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ଯୋଷୀ ପ୍ରମୁଖ ମନୋନୀତ ହୋଇଛନ୍ତି । ସେହିପରି ବିଦ୍ୟାଳୟ ଶିକ୍ଷାଗତ କମିଟିରେ ଶିକ୍ଷାବିତ୍ ସଦସ୍ୟ ଭାବରେ ସତୀଶ କୁମାର ପଟ୍ଟନାୟକ, ସଦସ୍ୟ ପ୍ରତିନିଧି ଭାବରେ ନିକଟସ୍ଥ ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷକ ଗଙ୍ଗାଧର ଭୋଇ, ସଦସ୍ୟ ସମନ୍ୱୟ ଭାବରେ ସିଆରସିସି ଅରୁଣ କୁମାର ନାଗ, ବିଦ୍ୟାଳୟ ଗୃହ ନିର୍ମାଣ କମିଟିର ବୈଷୟିକ ପରାମର୍ଶଦାତା ଭାବରେ କୈଳାଶ ଚନ୍ଦ୍ର ମେହେର ମନୋନୀତ ହୋଇଛନ୍ତି । ବିଦ୍ୟାଳୟର ସହକାରୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ନୀଳିମା ରାଣୀ ସାଗର, କର୍ମଚାରୀ ଦୀପକ ରଞ୍ଜନ ଯୋଷୀ, ଆଶିଷ କୁମାର ପଟ୍ଟନାୟକ, ଦମୟନ୍ତୀ ବିଶି ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତମ ଦେବଙ୍କ ପବିତ୍ର ଘୋଷଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମାପନ

ଖୋର୍ଦ୍ଧା : (ହି.ସ.) ଜାଗୁଳିପାଟଣ ସ୍ଥିତ ମହାପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତମ ଦେବଙ୍କ ଘୋଷ ଯାତ୍ରା ଅତି ଆନନ୍ଦ ଉଲ୍ଲାସ ଏବଂ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ସମାପନ ହୋଇଯାଇଛି । ପ୍ରତ୍ୟୁଷ ୪ ଘଟିକା ସମୟରେ ମହାପ୍ରଭୁଙ୍କ ପହଡ଼ ଖୋଲା ହୋଇଥିବା ବେଳେ ପ୍ରାତଃ ୫ ଘଟିକାରେ ମଙ୍ଗଳ ଆଳତି, ପୂର୍ବାହ୍ନ ୧୧ ଘଟିକାରେ ଶଙ୍ଖୁଡ଼ି ଭୋଗ, ମଧ୍ୟାହ୍ନ ୧୨ ଘଟିକାରେ ସୂର୍ଯ୍ୟ ପୂଜା, ଅପରାହ୍ନ ୨ ଘଟିକାରେ ପହଣ୍ଡି ବିଜେ, ଅପରାହ୍ନ ୩ ଘଟିକାରେ ଛେରା ପହଁରା ଏବଂ ଅପରାହ୍ନ ୪ ଘଟିକାରେ ରଥ ଟଣା କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଅନୁଷ୍ଠିତ ହୋଇଥିଲା । ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ସଂକଳ୍ପ ସ୍ୱସ୍ତିକ ସାହୁଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଏବଂ ମନ୍ଦିର ସେବାୟତ ମାନଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦିତ ହୋଇଥିଲା । ପାରମ୍ପାରିକ ରୀତିନୀତି ଅନୁଯାୟୀ ପୂର୍ବତନ ସାଂସଦ ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇ ମହାପ୍ରଭୁଙ୍କ ଛେରା ପହଁରା କରିଥିଲେ । ତିନିଠାକୁର ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତମ ଦେବ, ବଡ଼ଭାଇ ହଳାୟୁଧ ଏବଂ ମା' ସୁଭଦ୍ରା ରଥାରୂଢ଼ ହେଲା ପରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା କ୍ଷ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି, ଶ୍ରୀ ଶ୍ରୀ ବଳଭଦ୍ର ଏବଂ ମା ସୁଭଦ୍ରାଙ୍କୁ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ, ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ହୋତା ଦର୍ଶନ କରି ବିଭୁକୃପା ଲାଭକାରୀ ଜିଲ୍ଲାର ଉନ୍ନତି ଏବଂ ଜିଲ୍ଲାବାସୀଙ୍କ ସୁଖ ସମୃଦ୍ଧି କାମନା କରି ସେବାୟତ ମାନଙ୍କ ସହ ଆଲୋଚନା କରିଥିଲେ । ସେହିପରି ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ପ୍ରବାହ୍ନରେ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତମ ଦେବଙ୍କ ଦର୍ଶନ କରି ବିଭିକୃପା ଲାଭ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ସେବା, ସ୍ୱାସ୍ଥ୍ୟ ସେବା, ଆଇନ ଶୃଙ୍ଖଳା ସେବା, ବିଶୁଦ୍ଧ ପାନୀୟ ଜଳ ସେବା,ଟି ପି ସି ଓ ଡି ଏଲ ପକ୍ଷରୁ ବିଜୁଳି ସେବା, ଅଗ୍ନିଶମ ସେବା ସହ ଅତ୍ୟାବଶ୍ୟକ ସେବା ଯୋଗାଇ ଦିଆଯାଇଥିଲା । ରଥାରୂଢ଼ ବିଗ୍ରହ ମାନଙ୍କୁ ଭକ୍ତ ଶ୍ରଦ୍ଧାଳୁ ମାନେ ଆନନ୍ଦରେ ଆଇ ଆଇ ସି, ସଦର ଆଦର୍ଶ ଥାନା ସଞ୍ଜୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳାର ସହ ଭକ୍ତ ଶ୍ରଦ୍ଧାଳୁ ମାନେ ହରିବୋଲ ହୁଳହୁଳି ମଧ୍ୟରେ ରଥ ମାଉସୀ'ମା ଜାଗେଶ୍ୱରୀ ମନ୍ଦିରରେ ପହଂଚିଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଙ୍କ ତତ୍ତ୍ୱାବଧାନରେ ସୂଚନା କେନ୍ଦ୍ର ଖୋଲାଯାଇ ମହାପ୍ରଭୁଙ୍କ ରଥଟଣା କାର୍ଯ୍ୟସୂଚୀ ତଥା ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ, ଶ୍ରୀ ଜଗନ୍ନାଥ ଜଣାଣ ବିକ୍ରୟ କରାଯିବା ସହ ସଫଳ କାହାଣୀ ନିୟୁଜ ବୁଲେଟିନ ପୁସ୍ତିକା 'ପ୍ରଗତି ପ୍ରବାହ 'ବଂଟନ କରାଯାଇଥିଲା । ସେହିପରି ଖୋର୍ଦ୍ଧା ପୌର ପରିଷଦ ଗୁରୁଜଙ୍ଗ, ତଳସାହି, ଭାଲିଆବାଡ଼ି, ଉଇଲ କିଶନ ନଗର ଆଦି ସ୍ଥାନରେ ମହାପ୍ରଭୁଙ୍କ ଘୋଷଯାତ୍ରା ହଜାର ହଜାର ଭକ୍ତଙ୍କ ଗହଣରେ ଅନୁଷ୍ଠିତ ହୋଇଥିଲା ।

# ଶ୍ରୀଚୈତନ୍ୟଙ୍କ ୫ଶହ ବର୍ଷତଳର ଚନ୍ଦନ ଚର୍ଚ୍ଚିତ କନ୍ଥାବସ୍ତ୍ର ପ୍ରଦର୍ଶନ ଉତ୍ସବ

## ଭଦ୍ରକର ପବିତ୍ର ସନ୍ଥିଆ ପୀଠ:ଯେଉଁଠି ଭଗବାନ ଅପୁତ୍ରିକ ଭକ୍ତର ପିଣ୍ଡଦାନ କରନ୍ତି

ଭଦ୍ରକ : (ହି.ସ.) - ଭଦ୍ରକ ସହର ସନ୍ଥିଆ (ସନ୍ଥିଆ ନଗର) ଏକ ବଡ ଗାଁ । ଭଦ୍ରକ କଚେରୀ ଛକରୁ ପ୍ରାୟ ଅଧକିଲୋମିଟର ଦୂରରେ ଏହି ଗାଁଟି ଅବସ୍ଥିତ । ଏହି ଗାଁଟିର ବହୁ ପୂଜାପୀଠ ସହ ସାଧୁସନ୍ଥଙ୍କ ଆବାସ ସ୍ଥଳୀ ଥିବା ଯୋଗୁଁ ଗ୍ରାମଟି ସନ୍ଥ ନଗର ନାମରେ ପ୍ରତିଷ୍ଠା ଅର୍ଜନ କରିଛି । ପରବର୍ତୀ ସମୟରେ ଏହା ସନ୍ଥିଆ ନାମ ଧାରଣ କରିଛି । ଏଠାରେ ମଦନ ମୋହନ ମହାପ୍ରଭୁଙ୍କ ବିଜେସ୍ଥଳୀ ଏକ ପ୍ରସିଦ୍ଧ ଆଧ୍ୟାତ୍ମିକ ପୀଠ ଅଟେ । ଆଷାଢ ଶୁକ୍ଳ ଦ୍ୱିତୀୟା ତିଥିରେ ଯେଉଁ ଶ୍ରୀଗୁଣ୍ଡିଚା ରଥଯାତ୍ରା ଅନୁଷ୍ଠିତ ହୁଏ, ଠିକ୍ ତାର ଦୁଇଦିନ ପରେ ଏହି ହେରାପଂଚମୀ ପର୍ବ ସନ୍ଥିଆସ୍ଥିତ ଶ୍ରୀ ଶ୍ରୀ ରାଧାମଦନ ମୋହନ ମନ୍ଦିରରେ ମହାସମାରୋହରେ ପାଳିତ ହୋଇଥାଏ । ନାମ କୀର୍ତନ, ପ୍ରବଚନ, ଧର୍ମସଭା ଓ ପ୍ରସାଦ ସେବନରେ ଏହି ସ୍ଥାନଟି ଶ୍ରଦ୍ଧାଳୁଙ୍କ ଗହଣରେ ଫାଟିପଡେ । ଏହି ପୀଠର ପ୍ରତିଷ୍ଠାତା ସ୍ୱର୍ଗତଃ ସାର୍ବଭୌମ ଗଙ୍ଗନାରାୟଣ ବିଦ୍ୟା ବାଚସ୍ପତିଙ୍କୁ ମହାପ୍ରଭୁ ମଦନମୋହନ ନିଜେ ପିଣ୍ଡଦାନ କରିବା ଓ ଚୈତନ୍ୟ ମହାପ୍ରଭୁ ଏଠାରେ ଛାଡି ଯାଇଥିବା ନିଜର ଉତରୀୟ ବସ୍ତ୍ର ଓ କନ୍ଥା ସର୍ବସାଧାରଣରେ ପ୍ରଦର୍ଶନ କରାଯିବା ନେଇ ଏହି ପର୍ବରେ ମହାତ୍ମ୍ୟ ପ୍ରତିଷ୍ଠିତ । ଏହି ଦୁଇଟି ଦୃଶ୍ୟ ପାଇଁ ମଦନ ମୋହନ ମନ୍ଦିରରେ ବିପୁଳ ଜନ ସମାବେଶ ହୁଏ । ଏହି ପୀଠରେ ଜଣେ ମହାପୁରୁଷ ଗଙ୍ଗନାରାୟଣ ବିଦ୍ୟା ବାଚସ୍ପତି ତର୍କାଳଙ୍କାରଙ୍କ କୀର୍ତି । ଏହି ପୀଠର ସ୍ଥାପନ ସମୟ ନବମ ଶତାବ୍ଦୀର । ସ୍ଥାନୀୟ ଗୋସ୍ୱାମୀ ପରିବାର ବଂଶାନୁକ୍ରମେ ନିଷ୍ଠାର ସହ ଏଠାରେ ପୂଜା ସେବା କରିଆସୁଛନ୍ତି । କେହି କେହି ଏହାକୁ ବିଦ୍ୟା ବାଚସ୍ପତି ଭବନ, ଚୈତନ୍ୟ ମଠ, ସନ୍ଥିଆ ମଠ, ଗୋସେଇଁ ବାଡି ଓ ଗୋରୁ ଆଶ୍ରମ ବୋଲି କହିଥାନ୍ତି । ଏହା ଏକ ବୈଷ୍ଣବ ଜନତୀର୍ଥ ଅଟେ । ବିଦ୍ୟା ବାଚସ୍ପତିଙ୍କର ଜନ୍ମଭୂମି ବର୍ଦ୍ଧମାନ ଜିଲାର ପଲାସା ଗାଁରେ । ବୃନ୍ଦାବନର ଆରଧ ଦେବ ଶ୍ରୀ ଶ୍ରୀ ମଦନ ମୋହନ ମହାପ୍ରଭୁଙ୍କର ସେ ଜଣେ ପରମ ଭକ୍ତ । ମଦନ ମୋହନଙ୍କ ପ୍ରତିମୂର୍ତ୍ତିକୁ ଅଙ୍ଗଦେବତା ରୂପେ ଘେନି ବିଦ୍ୟା ବାଚସ୍ପତି ପୁରୀକୁ ଯାତ୍ରା କରୁଥିବା ସମୟରେ ଭଦ୍ରକର ସାଳନ୍ଦୀ ନଦୀ କୂଳରେ ରାତ୍ରୀଯାପନ କରିଥିଲେ । ସ୍ୱପ୍ନାଧିଷ୍ଟ ହୋଇ ମଦନ ମୋହନଙ୍କୁ ଏଠାରେ ସ୍ଥାପନ କରିଥିଲେ । ସେ ବେଦ ବେଦାନ୍ତ ଓ ସଂସ୍କୃତ ଶାସ୍ତ୍ର ଗୁଡିକୁ ଏପରି ପୁଲକିତ ସ୍ୱରରେ ଗାଉଥିଲେ ଯେ ତାଙ୍କ ସ୍ୱର ଜନସାଧାରଣଙ୍କୁ ବେଶ୍ ଆକର୍ଷିତ କରିଥିଲା । ତାଙ୍କର ଭଜନ କୀର୍ତନ ଓ ପ୍ରବଚନ ଶୁଣିବା ପାଇଁ ପ୍ରତିଦିନ ଶହ ଶହ ନରନାରୀଙ୍କ ସମାବେଶ ହେଉଥିଲା । ପରବର୍ତୀ ସମୟରେ ବହୁ ସାଧୁସନ୍ଥ ମାନେ ଆସି ନିଜର ପୂଜାପୀଠମାନ ସ୍ଥାପନ କଲେ । ସେ ସମୟରେ ଗୋଟେ କ୍ଷୁଦ୍ର କୁଡିଆରେ ବିଦ୍ୟା ବାଚସ୍ପତିଙ୍କର ପୂଜାପାଠ ଚାଲିଥିଲା । ସେ ଅପୁତ୍ରିକ ଥିଲେ । ମଦନ ମୋହନ ମହାପ୍ରଭୁଙ୍କୁ ବିଦ୍ୟା ବାଚସ୍ପତି ପୁଅ ଭଳି ଶ୍ରଦ୍ଧା କରୁଥିଲେ । ପିତୃପୁରୁଷଙ୍କୁ ପିଣ୍ଡଦାନ କରିବା ପ୍ରଥା ଅନୁଯାୟୀ ମୃତ୍ୟୁ ପରେ କିଏ ତାଙ୍କ ପିଣ୍ଡଦାନ କରିବ ବୋଲି ମଦନ ମୋହନଙ୍କୁ ଜଣାଇବା ପରେ ସ୍ୱପ୍ନରେ ମଦନ ମୋହନ ମହାପ୍ରଭୁ ନିଜେ ପିଣ୍ଡଦାନ କରିବେ ବୋଲି ଆଶ୍ୱସନା ଦେଇଥିଲେ । ହେରାପଂଚମୀ ଦିବସରେ ନିଜେ ବାଚସ୍ପତିଙ୍କ ମହାପ୍ରୟାଣ ଘଟିଥିଲା । ସେହି ସମୟରୁ ପ୍ରତିବର୍ଷ ହେରାପଂଚମୀ ଦିନ ବିଦ୍ୟା ବାଚସ୍ପତିଙ୍କର ତିରୋଧାନ ଦିବସ ପାଳିତ ହୋଇଆସୁଅଛି । ୧୫୮୪ ଖ୍ରୀଷ୍ଟାବ୍ଦରେ ନୀଳାମୟ ଶ୍ରୀଚୈତନ୍ୟ ମହାପ୍ରଭୁ ବୃନ୍ଦାବନ ଯିବା ବାଟରେ ବିଦ୍ୟା ବାଚସ୍ପତିଙ୍କ ଏହି ଆଶ୍ରମ / ମନ୍ଦିର ସନ୍ଥିଆ ପୀଠକୁ ଆସି ୫ ଦିନ ୫ ରାତି ରହଣି କରିଥିଲେ । ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ୫ ଦିନ ରହଣି ମଧ୍ୟରେ ତତ୍କାଳୀନ ସେବକ ଶ୍ରୀ ଯଶୋଦା ନନ୍ଦନ ନ୍ୟାୟାଳାୟଙ୍କାରଙ୍କ ଭକ୍ତି ଓ ପୂଜାର୍ଚ୍ଚନାରେ ସନ୍ତୁଷ୍ଟି ହୋଇ ଗୌରାଙ୍ଗ ମହାପ୍ରଭୁ ତାଙ୍କ ସ୍ୱୟ ଉତରାୟ ପ୍ରଦାନ କରିଥିଲେ । ଏହି ଚୈତନ୍ୟଦେବଙ୍କ ପ୍ରଦତ ଉତରୀୟ ଓ କନ୍ଥା ଆଜିଯାଏ ଚିର ଅବିସ୍ମରଣୀୟ ଏକ ଆଧ୍ୟାତ୍ମିକ ସ୍ମାରକୀ ଭାବେ ଗୌଡିୟ ତଥା ହିନ୍ଦୁ ସମାଜର ଭକ୍ତମାନଙ୍କ ପାଇଁ ପରମାଦୃତ ହୋଇରହିଛି । ମହାପ୍ରଭୁଙ୍କର ବ୍ୟବହୃତ ଏହି ଅଙ୍ଗବସ୍ତ୍ରକୁ ସମ୍ଭାର କରି ଆଜି ସନ୍ଥମୁନି ସନ୍ଥିଆର ମହାତ୍ମ୍ୟ ଦେଶସାରା ପରିବ୍ୟାପ୍ତ ହୋଇଛି । ଆସନ୍ତାକାଲି ଶନିବାର ଏଠାରେ ହେରାପଂଚମୀ ଉତ୍ସବ ଓ କନ୍ଥା ପ୍ରଦର୍ଶନ ପାଳିତ ହେବ । ସକାଳେ ମନ୍ଦିର ପହଡ ଖୋଲିବା ପରେ ମଙ୍ଗଳ ଆରତି ପରେ ଠାକୁରଙ୍କ ସ୍ନାନ ଉପଚାର ହେବ । ପରେ ସାଧାରଣ ଦର୍ଶନ କାର୍ଯ୍ୟକ୍ରମ ଆରମ୍ଭ ହେବ । ମଧ୍ୟାହ୍ନରେ କନ୍ଥା ବସ୍ତ୍ର ପ୍ରଦର୍ଶନ କରାଯିବ । ଦିନ ୧୧ ଟା ଠାରୁ ୨ ଟା ପର୍ଯ୍ୟନ୍ତ ମହନ୍ତ ମହାରାଜଙ୍କ ଦ୍ୱାରା ଶ୍ରୀ ଗୌରାଙ୍ଗ ମହାପ୍ରଭୁଙ୍କ ଲୀଳା କୀର୍ତନ ଅନୁଷ୍ଠିତ ହେବା ସହ ମଦନ ମୋହନଙ୍କ ପ୍ରତିଷ୍ଠାତା ଗଙ୍ଗନାରାୟଣ ବିଦ୍ୟ ବାଚସ୍ପତିଙ୍କୁ ସ୍ୱୟଂ ମଦନ ମୋହନ ଜୀଉଙ୍କର ଶ୍ରାଦ୍ଧ ଅର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସନ୍ଧ୍ୟାରେ ଲୀଳା କୀର୍ତନ ହେବା ସହ ଆଧ୍ୟାତ୍ମିକ ସେବା ଅନୁଷ୍ଠିତ ହେବ ।

# ବୃକ୍ଷ ରୋପଣ କାର୍ଯ୍ୟ ତଦାରଖ କଲେ ଏସିଏଫ୍

କନ୍ଧମାଳ : (ହି.ସ.)- ଫୁଲବାଣୀ ବନଖଣ୍ଡ ଅଧିକାରୀ ପ୍ରତାପ କୋଟାପଲ୍ଲୀଙ୍କ ନିର୍ଦ୍ଦେଶ କ୍ରମେ ଏ.ସି.ଏଫ୍. ଶ୍ୱେତଲୀନା ସାହୁ କନ୍ଧମାଳ ଜିଲ୍ଲା ଘୁ. ଉଦୟଗିରି ବନ୍ୟାଚଂଳ ଅନ୍ତର୍ଗତ ବାକିଙ୍ଗିଆ ପି ଆର୍ ଏଫ୍ ଅଧୀନ ୧୦ ହେକ୍ଟର ଜମି ଥିବା ପତିତ ଜଙ୍ଗଲର ପୁନରୁଦ୍ଧାର (ବି ଏଚ ପି)ରେ ଲଗାଯାଇଥିବା ବିଭିନ୍ନ ବୃକ୍ଷ ରୋପଣ କାର୍ଯ୍ୟ ବୁଲି ଦେଖିଥିଲେ । ସେହିପରି ପକ୍ଷୁରିଆ ସେକ୍ସନ ର ପକ୍ଷଡାଙ୍ଗୀ ଆର୍ ଏଫ୍ ଅଧୀନରେ ଲଗାଯାଇଥିବା ୫୦ ହେକ୍ଟର ରେଆର, ଏନଡେନ ଜରଡ, ଏଣ୍ଡ ଥ୍ରିଟେଣ୍ଡ (ଆର୍ ଇ ଟି) କାର୍ଯ୍ୟକ୍ରମ ଆଦି ବୁଲି ଦେଖିବା ସହ ଅଧିକରୁ ଅଧିକ ବିଭିନ୍ନ ପ୍ରକାରର ଔଷଧୀୟ ବୃକ୍ଷ ରୋପଣ ଓ ଏହାର ଯତ୍ନ ନେବା ସହ ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ସେହିପରି ଡିଏଫଓ ଦାୟିତ୍ୱ ଗ୍ରହଣ କରିବାର କମ୍ ସମୟ ମଧ୍ୟରେ ବୃକ୍ଷ ରୋପଣ, ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ଉପରେ ଗୁରୁତ୍ୱ ଦେବା ଫଳରେ ଜଙ୍ଗଲ ଓ ପରିବେଶ ସୁରକ୍ଷାରେ ଢେର୍ ସୁଧାର ଆସିଛି । ଡି.ଏଫ୍.ଓ. ଏବଂ ଏ.ସି.ଏଫ୍. ଶ୍ୱେତଲୀନ ସାହୁଙ୍କ ସମେତ ସମସ୍ତ ରେଞ୍ଜ ଅଧିକାରୀ ମାନଙ୍କ ନିଷ୍ଠାପର ଉଦ୍ୟମ, ଆନ୍ତରିକତା ଯୋଗୁଁ ବୃକ୍ଷ ରୋପଣ ଓ ଜଙ୍ଗଲ ସୁରକ୍ଷା କାର୍ଯ୍ୟ ଚାଲିଛି ।

# ମାଲକାନଗିରିରେ ସ୍ପେଶାଲ ଇଂଟେନସିଭ୍ ରିଭିଜନ ବୈଠକ ଅନୁଷ୍ଠିତ

## ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ସମୀକ୍ଷା କଲେ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ମହମ୍ମଦ ସାଦିକ ଆଲାମ

ମାଲକାନଗିରି : (ହି.ସ.) – ମାଲକାନଗିରି ଜିଲ୍ଲାରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସମୃଦ୍ଧ କରିବା ପାଇଁ ଆଜି ମାଥିଲି ବ୍ଲକ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ପେଶାଲ ଇଂଟେନସିଭ୍ ରିଭିଜନ ସମୀକ୍ଷା ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ(ଇଲେକ୍ଟୋରାଲ ରୋଲ ଅବଜରଭର) ମହମ୍ମଦ ସାଦିକ ଆଲାମ ଜିଲ୍ଲାର ପ୍ରଥମ ଗସ୍ତ ସୂଚୀରେ ଭୋଟର ତାଳିକାରେ ଚାଲିଥିବା ସଂଶୋଧନ କାର୍ଯ୍ୟର ବିଧିବଦ୍ଧ ତଦାରଖ କରିଥିଲେ । ବୈଠକରେ ଉପସ୍ଥିତ ସମସ୍ତ ଅଧିକାରୀ ଓ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ମହମ୍ମଦ ସାଦିକ ଆଲାମ କହିଛନ୍ତି, ଏକ ସୁଦୃଢ଼ ଗଣତନ୍ତ୍ର ଗଠନ ପାଇଁ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ଜରୁରୀ ଏବଂ ଏହି ପ୍ରକ୍ରିୟାରେ କୌଣସି ପ୍ରକାର ତ୍ରୁଟିକୁ ବରଦାସ୍ତ କରାଯିବ ନାହିଁ, ତେଣୁ ସମସ୍ତ ଅଧିକାରୀ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ନିଷ୍ଠାର ସହ କାର୍ଯ୍ୟ କରିବା ଉଚିତ । ଏହି ଅବସରରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର କୋଣ ଅନୁକୋଣରେ ଥିବା ଯୋଗ୍ୟ ଭୋଟରଙ୍କୁ ଯୋଡ଼ିବା ଏବଂ ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ପାଇଁ ପ୍ରଶାସନ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି ଏବଂ ଆମେ ଏକ ସମ୍ପୂର୍ଣ୍ଣ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବାକୁ ପ୍ରତିବଦ୍ଧ । ଏହି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ମାଲକାନଗିରିର ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧି ସମୂହ, ଜିଲ୍ଲାର ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ , ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ ସକ୍ରିୟ ଭାବେ ଯୋଗଦେଇ ନିଜ ନିଜ ଅଂଚଳର ଭୋଟର ତାଲିକା ସଂଶୋଧନ ସ୍ଥିତି ଉପସ୍ଥାପନ କରିଥିଲେ । ଆସନ୍ତା ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ନାଗରିକମାନେ ନୂତନ ନାମ ପଞ୍ଜୀକରଣ ପାଇଁ ଫର୍ମ-୬, ନାମ ବାଦ୍ ଦେବା ପାଇଁ ଫର୍ମ-୭ ଏବଂ ତ୍ରୁଟି ସଂଶୋଧନ ପାଇଁ ଫର୍ମ-୮ ମାଧ୍ୟମରେ ଆବେଦନ କରିପାରିବେ ବୋଲି ବୈଠକରେ ସମସ୍ତଙ୍କୁ ସଚେତନ କରାଯାଇଛି ।

## ଗଞ୍ଜାମ ଜିଲ୍ଲାର ସମସ୍ତ ଚାଷ ଜମିକୁ ଜଳସେଚନ ସୁବିଧା ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତି ଦାବିରେ ଜଳସେଚନ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କୁ ଦାବିପତ୍ର



ବ୍ରହ୍ମପୁର(ନି.ପ୍ର.):ଗଞ୍ଜାମ ଜିଲ୍ଲାର ସମସ୍ତ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇବା ନିମନ୍ତେ ଏକ ସମନ୍ୱିତ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ଦାବିରେ ଋଷିକୂଲ୍ୟା ରାୟତ ମହାସଭା ପକ୍ଷରୁ ଜଳସେଚନ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗଞ୍ଜାମ ଜିଲ୍ଲାର ସମସ୍ତ ଚାଷ ଜମିକୁ ପର୍ଯ୍ୟାପ୍ତ ଜଳସେଚନ ସୁବିଧା ନଥିବାରୁ ଦୁଇ ଫସଲି ଚାଷ ସମ୍ଭବ ହେଉନାହିଁ । ଫଳସ୍ୱରୂପ ଜିଲ୍ଲାର ପ୍ରାୟ ୫ ଲକ୍ଷରୁ ଅଧିକ କୃଷି ଶ୍ରମିକ ଏବଂ କ୍ଷୁଦ୍ର ଚାଷୀ ଜୀବିକା ନିର୍ବାହ ପାଇଁ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯିବାକୁ ବାଧ ହେଉଛନ୍ତି ।ଗଞ୍ଜାମ ଜିଲ୍ଲାର କୃଷି ଓ କୃଷକଙ୍କ ସାମଗ୍ରିକ ବିକାଶ ନିମନ୍ତେ ଚାଷ ଜମିକୁ ପର୍ଯ୍ୟାପ୍ତ ଜଳସେଚନ ସୁବିଧା ଯୋଗାଇବା ପାଇଁ ସୋରଡ଼ା, ଭଞ୍ଜନଗର, ଘୋଡ଼ାହାଡ଼ ଡ୍ୟାମ, ଧନେଇ ଜଳଭଣ୍ଡାର ସମେତ ଜିଲ୍ଲାର ଅନ୍ୟାନ୍ୟ ଜଳଭଣ୍ଡାର ଏବଂ ଜଳସେଚନ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର, ଆଧୁନିକୀକରଣ ଓ ସମ୍ପ୍ରସାରଣ କରିବାକୁ ଦାବି କରାଯାଇଛି ।ସେହିପରି ବର୍ଷା ଋତୁରେ ସମୁଦ୍ରକୁ ପ୍ରବାହିତ ହେଉଥିବା ଜଳର ସଂରକ୍ଷଣ ପାଇଁ ଜିଲ୍ଲାର ପ୍ରମୁଖ ନଦୀଗୁଡ଼ିକରେ ପ୍ରତି ୧୦ କିଲୋମିଟର ବ୍ୟବଧାନରେ ବ୍ୟାରେଜ ନିର୍ମାଣ କରାଯିବାକୁ ମଧ ଦାବି କରାଯାଇଛି ।ଦାବିପତ୍ରରେ ଆହୁରି କୁହାଯାଇଛି ଯେ, ସରକାରଙ୍କ ପ୍ରସ୍ତାବିତ ପିପ୍ପଲପଙ୍କ ଡ୍ୟାମ ନିର୍ମାଣ ଫଳରେ ଋଷିକୂଲ୍ୟା ନଦୀ ଶୁଷ୍କ ହେବାର ଆଶଙ୍କା ରହିଛି । ତେଣୁ ଗଞ୍ଜାମ ଜିଲ୍ଲାର ଜୀବନରେଖା ତଥା କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଋଷିକୂଲ୍ୟା ନଦୀ ଉପରେ ପ୍ରସ୍ତାବିତ ପିପ୍ପଲପଙ୍କ ଡ୍ୟାମ ପ୍ରକଳ୍ପକୁ ବାତିଲ କରିବାକୁ ଦାବି କରାଯାଇଛି ।ଏଥିସହ ସରକାର ଜଳସେଚନ ସମ୍ବନ୍ଧରେ ଯେଉଁ ବିବରଣୀ ପ୍ରଦାନ କରୁଛନ୍ତି, ସେଥିରେ କେଉଁ ଜଳଭଣ୍ଡାର ମାଧ୍ୟମରେ କେତେ ପରିମାଣର ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଉଛି, ତାହା ସ୍ପଷ୍ଟ ଭାବେ ପ୍ରକାଶ କରାଯାଉ ବୋଲି ଋଷିକୂଲ୍ୟା ରାୟତ ମହାସଭା ଦାବି କରିଛି । ଋଷିକୂଲ୍ୟା ରାୟତ ମହାସଭାର ସମ୍ପାଦକ ଶ୍ରୀ ସୀମାଂଚଳ ନାହାକଙ୍କ ନେତୃତ୍ୱରେ ଶ୍ରୀ ଅଶୋକ ଦଳାଇ, ଶ୍ରୀ କିଶୋର ପାତ୍ର, ପ୍ରମୁଖ ଜଳସେଚନ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ । ଶେଷରେ ମହାସଭା ପକ୍ଷରୁ ଚେତାବନୀ ଦିଆଯାଇଛି ଯେ, ସରକାର ଯଦି ଗଞ୍ଜାମ ଜିଲ୍ଲାର ଜଳସେଚନ ବ୍ୟବସ୍ଥାର ଉନ୍ନତି ଦିଗରେ ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କରନ୍ତି, ତେବେ ଆଗାମୀ ଦିନରେ ଋଷିକୂଲ୍ୟା ରାୟତ ମହାସଭା ପକ୍ଷରୁ ବ୍ୟାପକ ଗଣଆନ୍ଦୋଳନ କରାଯିବ ।

ପଳାସପୁର ହାଇସ୍କୁଲରେ ସମ୍ବର୍ଦ୍ଧନା ସମାରୋହ

## ୪ମ୍ୟାଟ୍ରିକ ଟପ୍ପରଙ୍କୁ ମିଳିଲା କୁନ୍ତଳା ମେଧା ସମ୍ମାନ

ଖଇରା,(ନି.ପ୍ର.)ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ପଳାସପୁର ସରକାରୀ ହାଇସ୍କୁଲରେ ଚଳିତ ବର୍ଷ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି । ଏହି ଯୋଗ୍ୟତାର ଅଧିକାରୀ କାର୍ତ୍ତିକ କୁମାର ସାହୁ,ଜ୍ୟୋତି ପ୍ରକାଶ ରାଉତ,ମଧୁସୁଦନ ଘଡାଇ ଓ ବର୍ଷାରାଣୀ ପରିଡାଙ୍କୁ କୁନ୍ତଳା ମେଧା ସମ୍ମାନରେ ସମ୍ମାନୀତ କରାଯାଇ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା । ପ୍ରଧାନଶିକ୍ଷକ ଜୟନ୍ତ କୁମାର ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ କବି ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତ ମୁଖ୍ୟଅତିଥି,ଯୁବନେତା ତଥା ସମିତିସଭ୍ୟା ପ୍ରତିନିଧି ଅନନ୍ତ ପ୍ରସାଦ ବାରିକ ମୁଖ୍ୟବକ୍ତା,ପରିଚାଳନା କମିଟି ସଭାପତି ମାୟାଧର ସାମଲ ସମ୍ମାନନୀୟ ଅତିଥି,ବିଶିଷ୍ଟ ଗବେଷିକା କୃତିଦୀପା ରାଉତ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥି ମାନେ ପଳାସପୁର ହାଇସ୍କୁଲ ସବୁବେଳେ ବ୍ଲକସ୍ତରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବା ପଛରେ ଶିକ୍ଷୟତ୍ରୀ ଶିକ୍ଷକଙ୍କ ତ୍ୟାଗ ଓ ପିଲାମାନଙ୍କର ଅଧ୍ୟବସାୟ ମୁଖ୍ୟକାରଣ ବୋଲି କହିଥିଲେ । ଅନୁଷ୍ଠାନର ସମସ୍ତ ଶିକ୍ଷୟତ୍ରୀ,ଶିକ୍ଷକ,ଶିକ୍ଷାକର୍ମଚାରୀ ଓ ପରିଚାଳନା କମିଟିର ସଦସ୍ୟ ସହଯୋଗ କରିଥିଲେ ।।

## ପ୍ରହରାଜପୁର ୟୁପି ସ୍କୁଲରେ ଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ଅସନ୍ତୋଷ

ଖଇରା,(ନି.ପ୍ର.)ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପ୍ରହରାଜପୁର ୟୁପି ସ୍କୁଲର କର୍ତବ୍ୟନିଷ୍ଠ ତଥା ଜଣେ ଆଦର୍ଶ ଶିକ୍ଷୟତ୍ରୀ ଭାବେ ପରିଚିତ ତଥା ବର୍ତ୍ତମାନ ବୁଥ ଅଧିକାରୀଣୀ ଦାୟିତ୍ୱରେ ଥିବା ପବିତ୍ରା ଖମାରୀଙ୍କ ବଦଳୀ ପାଇଁ ଜିଲାରୁ ଲିଖିତ ନିର୍ଦ୍ଦେଶ ଆସିଥିବା ଭଳି ଖବର ପରିଚାଳନା କମିଟି ଓ ଅଭିଭାବକ ଜାଣିବା ପରେ ହତୋତ୍ସାହିତ ହୋଇ ପଡିଛନ୍ତି । ପ୍ରତିବାଦରେ ଶହ ଶହ ସଂଖ୍ୟାର ଅଭିଭାବିକା ଅଭିଭାବକ,ପରିଚାଳନା କମିଟି ସଦସ୍ୟ ଓ ଛାତ୍ରୀଛାତ୍ରଙ୍କ ସହ ଶନିବାର ସକାଳେ ଫାଟକରେ ତାଲା ଦେଇ ବସିରହିଥିଲେ । ପରେ ପ୍ରହରାଜପୁର ସିଆରସିସି ହେମନ୍ତ ଦାସ ଘଟଣାସ୍ଥଳରେ ପହଂଚି ଅସନ୍ତୁଷ୍ଟ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ଅଭିଭାବକ ମାନେ ଧାରଣାରୁ ଉଠିଥିଲେ । ଅଭିଯୋଗ ଅନୁଯାୟୀ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୧୨୬ଜଣ ପିଲା ପଢୁଥିବା ବେଳେ ଏଥପାଇଁ ୪ଜଣ ଶିକ୍ଷକଶିକ୍ଷୟତ୍ରୀଙ୍କୁ ନିଯୁକ୍ତି ମିଳିଥିଲା । ବିଶେଷକରି ବୁଥ ଅଧିକାରୀଣୀ ଦାୟିତ୍ୱରେ ଥିବା ତଥା ଉତ୍ତମ ଶିକ୍ଷଦାନପାଇଁ ପିଲାମାନଙ୍କର ପ୍ରଥମ ପସନ୍ଦ ସାଜିଥିବା ପବିତ୍ରା ଖମାରୀଙ୍କୁ ଶ୍ୟାମସୁନ୍ଦରପୁର ପ୍ରାଥମିକ ବିଦ୍ୟାଳୟକୁ ବିଦ୍ୟାଳୟକୁ ବଦଳୀ କରାଯାଇଥିବା ନେଇ ଅଭିଭାବକ ମାନେ ବିଶେଷ ସୁତ୍ରରୁ ଜାଣିବାକୁ ପାଇଥିଲେ । ଏଣୁ ବଦଳୀ ଆଦେଶ ବାତିଲ ଦାବିରେ ପରିଚାଳନା କମିଟି ସଭାପତି ବାସନ୍ତୀ ସାହୁ,ଉପସଭାପତି ମନ୍ଦାକିନୀ ସାହୁ ଓ ଦିଲ୍ଲିପ ସାହୁଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଥିଲା ।



GOVERNMENT OF ORISSA
OFFICE OF THE SUPERINTENDING ENGINEER
RURAL WORKS DIVISION KARANJIA (MAYURBHANJ)
E-mail ID: - eerwkaranjia@yahoo.com
Order No. ५४१५ / WE // Date-. 30.06.2026
25001/760/2627

"E" Procurement Notice for Construction of Building works for year 2026-27.
Bid Identification No – RWDKNJ –09 / 2026-27.

1. Name of the work : Construction of Day Care Sub-Centre cum Health & Wellness under PM-ABHIM for the year 2026-27 under Rural Works Division, Karanjia in the District of Mayurbhanj (Details as per Annexure)
2. Estimated Cost : Rs. 38.19 Lakhs (Approximately)
3. Class of Contractor : 'B' and 'C' Class (of Odisha P.W.D.)
4. Period of Completion : 4 Calender Month
5. Tender Paper Cost : Rs. 6,000/-

| Procurement Officer | Bid Identification No. | Availability of tender On-line for bidding From | Availability of tender On-line for bidding To | Last Date & Time of seeking Tender Clarification. | Date & Time of Opening of Tender in O/O S.E. R.W. Division, Karanjia Technical & Financial Bid Financial Bid |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Karanjia | Building RWDKNJ-09/26-27. | Dt. 23.07.26 at 11.00 A.M | Dt. 31.07.26 up to 5.00 P.M | Dt. 30.07.26 up to 1.00 P.M. | Dt. 01.08.26 at 11.00 P.M |

Further details can be seen from the website www.tendersodisha.gov.in

Sd/-
Executive Engineer,
R.W.Circle, Karanjia

OIPR.25001/25086/1/26-27/0009


## ରାଜସ୍ଥାନ ରେ ଆୟୋଜିତ୍ ମିସ୍ ଟିନ୍ ଦିଭା ଫାଇନାଲରେ ବ୍ରହ୍ମପୁର୍‌ର ଝିଅ ପ୍ରାଶୁସୀ

ବ୍ରହ୍ମପୁର୍ (ନି.ପ୍ର.): ରାଜସ୍ଥାନ ଜୟପୁର ଠାରେ ଗ୍ଲାମାନନ୍ଦ ଫାଉଣ୍ଡେସନ ତରଫରୁ ଆୟୋଜିତ ମିସ ଟିନ୍ ଦିଭା ୨୦୨୬ ନାମରେ ଆୟୋଜିତ ସୁନ୍ଦରୀ ପ୍ରତିଯୋଗିତାରେ ବ୍ରହ୍ମପୁର ଝିଅ ପ୍ରାଶୁସି ଫାଇନାଲ ରେ ପ୍ରବେଶ କରିଛନ୍ତି । ଡିପଲ୍ ସ୍କୁଲ ରେ ଏକାଦଶଶ୍ରେଣୀରେ ପଢୁଥିବା ପ୍ରାଶୁସି ଫ୍ୟାସନ ସହ ଓଡ଼ିଶୀ ଓ ଆଧୁନିକ ନୃତ୍ୟ ମଧ ଶିଖିଛନ୍ତି । ଏହି ସୁନ୍ଦରୀ ପ୍ରତି ଯୋଗିତାରେ ଭାରତ ର ବିଭିନ୍ନ ରାଜ୍ୟରୁ ବହୁ ପ୍ରତିଯୋଗୀ ଭାଗ ନେଇଛନ୍ତି । ପ୍ରାଶୁସି ଙ୍କ ପିତାଙ୍କ ନାମ ଧରଣୀଧର ପଣ୍ଡା ଓ ମାତା ଙ୍କ ନାମ ସ୍ୱପ୍ନା ରାଣୀ ପଣ୍ଡା ହୋଇଥିବା ବେଳେ ସେ ହିଲ ପାଟଣା ରେ ରହି ଆସୁଛନ୍ତି । ପ୍ରାଶୁସି ଙ୍କ ନୃତ୍ୟ ଗୁରୁ ଅନିଲ ସେଠୀ, ଗୁରୁ ଜୟନ୍ତ ଆଚାର୍ଯ୍ୟ ଓ ସ୍କୁଲ ର ନୃତ୍ୟ ଗୁରୁ ପ୍ରମିଳା ପଟ୍ଟନାୟକ ବୋଲି ସେ କହି ଛନ୍ତି ।ଭବିଷ୍ୟତରେ ଜଣେ ଭଲ ଯୁବ ଉଦ୍ୟୋଗୀ ହେବା ତାଙ୍କର ଇଚ୍ଛା ରହିଛି । ପ୍ରାଶୁସି ନୃତ୍ୟ ସହ ମଡେଲିଙ୍ଗ, ବକ୍ତୃତା, ପ୍ରବନ୍ଧ ଓ ତାଇକୋଣ୍ଡ ପ୍ରତିଯୋଗିତାରେ ବହୁ ପୁରସ୍କାର ପାଇଛନ୍ତି । ବାପା ମାଆ ଙ୍କ ସହଯୋଗ ଯୋଗୁଁ ସେ ଏପରି ସଫଳତା ହାସଲ କରୁଥିବା ସେ କହିଛନ୍ତି । ଫାଇନାଲ ରେ ସେ ବିଜୟ ଲାଭ କରିବେ ବୋଲି ଆଶା ରହିଥିବା ପ୍ରାଶୁସି କହିଛନ୍ତି ।




## ଦଶ ମାସ ହେଲା ଅନ୍ଧାରରେ ମହମ୍ମଦନଗରପାଟଣା ରେଳ ଓଭରବ୍ରିଜ୍

ଜଳେଶ୍ୱର (ନି.ପ୍ର): ଜଳେଶ୍ୱର ବ୍ଲକ୍ ଅଧୀନ ମହମ୍ମଦନଗରପାଟଣା ପଂଚାୟତ ସେକସରାଇ ରେଳବାଇ ଓଭରବ୍ରିଜ୍ ?ର ୩୫ଟି ସୌର ଲାଇଟ୍ ମରାମତି ପାଇଁ ୧୦ମାସ ପୂର୍ବରୁ ଖୋଲାଯାଇଥିବା ବେଳେ ଆଉ ଲାଗୁନି । ଫଳରେ ପଥଚାରୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।ଓଭ ?ବ୍ରିଜ୍ ଉପରେ ପୂର୍ଷ ବିଭାଗ ପକ୍ଷରୁ ୭୦ରୁ ଉର୍ଦ୍ଧ୍ୱ ସୋଲାର୍ ଲାଇଟ୍ ଲଗାଯାଇଥିବା ବେଳେ ପାଖାପାଖି ବର୍ଷକ ତଳେ ସେଥିମଧ୍ୟରୁ ଅନେକ ଲାଇଟ୍ ଅକାମିହୋଇ ଯାଇଥିଲା । ଲୋକଙ୍କ ଦାବି ପରେ ଦୁଇ ମାସ ବିଳମ୍ବରେ ବିଭାଗ ପକ୍ଷରୁ ୩୫ଟି ଲାଇଟ୍ ?କୁ ଖୋଲାଯାଇ ମରାମତି ପାଇଁ ପଠାଯାଇଥିଲା । ତେବେ ମରାମତି ପାଇଁ ପଠାଯିବାର ଏହା ଭିତରେ ୧୦ ମାସ ବିତିଯାଇଥିଲେ ମଧ ସୋଲାର୍ ଲାଇଟ୍ ଲାଗୁ ନାହିଁ । ଅନ୍ୟପଟେ ସଚଳ ଲାଇଟ୍ ?ଗୁଡ଼ିକ ମଧ୍ୟରୁ ଏବେ ଗୋଟିକ ପରେ ଗୋଟିଏ ୧୫ରୁ ଉର୍ଦ୍ଧ୍ୱ ଲାଇଟ୍ ? ଅଚଳ ହୋଇଗଲାଣି । ଫଳରେ ସନ୍ଧ୍ୟା ପରେ ଓଭରବ୍ରିଜ୍ ଅସାମାଜିକ ଯୁବକଙ୍କ ଆଡ୍ଡା ପାଲଟୁଛି । ଓଭରବ୍ରିଜ୍ ?ର କିଛି କିଛି ସ୍ଥାନରେ ଖାଲଖମା ହୋଇଥିବା ବେଳେ ଅନ୍ଧାର ଯୋଗୁ ଗାଡ଼ି ଆରୋହ ଦୁର୍ଘଟଣାର ଶିକାର ହେଉଛନ୍ତି । ଏମିତି କି ଗତ ସପ୍ତାହରେ ଓଭରବ୍ରିଜ୍ ଉପରୁ ଜଣେ ଯୁବତୀଙ୍କ ଅପହରଣ ହୋଇଥିଲା । ତେଣୁ ଅବିଳମ୍ବେ ଓଭରବ୍ରିଜ୍ ?ର ସମସ୍ତ ସୌରଲାଇଟ୍ ଲଗାଇବାକୁ ସରପଂଚ ଅରୁଣ ସେନାପତି ଦାବି କରିଛନ୍ତି ।

## ମରଣାନ୍ତକ ଆକ୍ରମଣ ଘଟଣାରେ ନାମ୍ପୋ ପୋଲିସ୍ ନିରବ

ଜଳେଶ୍ୱର (ନି.ପ୍ର) : ଘରର ଚାଳ ବଢିଯାଇଥିବା ଦର୍ଶାଇ ଜଣେ ମହିଳାଙ୍କୁ ୪ଜଣ ମରଣାନ୍ତକ ଆକ୍ରମଣ କରି ଲହୁ ଲୁହାଣ କରିବା ଓ ପରେ ଦୀର୍ଘଦିନ ବାଲେଶ୍ୱର ବଡ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଫେରିବାପରେ ନାମ୍ପୋ ଫାଣ୍ଡିରେ ଅଭିଯୋଗ ପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଆଶ୍ଚର୍ଯ୍ୟର ବିଷୟ ହୋଇଛି । ଘଟଣାରୁ ପ୍ରକାଶ ନାମ୍ପୋ ଗାଁର ଶମ୍ଭୁନାଥ ଦେଙ୍କ ସ୍ତ୍ରୀ ସୁନାଲୀ ଦେ ଘରେ ଥିବା ବେଳେ ତାଙ୍କ ପଡୋଶୀ ଜୟନ୍ତୀ ଦେ, ସୁଧାଂଶୁ ଦେ, ନୁପୁରୀ ଦେ, ଭାନୁଚରଣ ଦେ ଘରର ଚାଳ ବଢିଯାଇଥିବା କହି ଆକ୍ରମଣ କରିଥିଲେ । ଚାରିଜଣ ମିଶି ମରଣାନ୍ତକ ଆକ୍ରମଣ କରିବା ସହିତ ଜୀବନରୁ ମାରିଦେବାକୁ ଉଦ୍ୟତ କରୁଥିବା ବେଳେ ଡାକପକାଇବାରୁ ପାଖଲୋକ ଦୌଡିଆସିବାରୁ ସେମାନେ ଛାଡି ପଳାଇଥିଲେ । ଗୁରୁତର ଅବସ୍ଥାରେ ସୁନାଲୀ ଦେଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଜିକେ ଭଟ୍ଟର ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଦୀର୍ଘଦିନ ଚିକିତ୍ସିତ ହେବାପରେ ନାମ୍ପୋ ଫାଣ୍ଡିରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ କେବଳ ଉଭୟ ପକ୍ଷରୁ ୩୨୦ ଓ ୩୨୧ ନଂ କେସ୍ ଗ୍ରହଣ କରି ନାମ୍ପୋ ପୋଲିସ୍ ନିରବରେ ବସିଥିବା କାରଣରୁ ସୁନାଲୀ ଦେ କ୍ଷୋଭ ପ୍ରକାଶ କରିଛନ୍ତି । ଏସ୍ ?ଡିପିଓ ସୁରେଶ ତ୍ରିପାଠୀ ଏ ସଂପର୍କରେ ଅବଗତ ହୋଇ କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ନାମ୍ପୋ ପୋଲିସ୍ ନିରବରେ ବସିଥିବାରୁ ନ୍ୟାୟ ପାଇଁ ପୋଲିସ୍ ଉପରେ ଭରସା ରହୁନଥିବା ସୁନାଲୀ କହିଛନ୍ତି । ତେବେ ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ନିବେଦନ କରିଛନ୍ତି ।

## ଝାଟିମାଟି ଘରେ ଯନ୍ତ୍ରଣା ରେ ଛଟପଟ କମଳିନୀ

ଖଇରା,(ନି.ପ୍ର.)ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଡା ପଞ୍ଚାୟତ ଅଧୀନ ରାଇକୁଳା ଗାଁର କମଳିନୀ ମାଝୀ(୭୦) । କର୍କଟ ରୋଗରେ ପିଡିତ ଏହି ବୃଦ୍ଧା ଝାଟିମାଟି ଘର ଭିତରେ ଯନ୍ତ୍ରଣାରେ ଛଟପଟ ହେଉଥିଲେ ହେଁ ପାଖରେ କାଣି କଉଡିଟିଏ ନଥିବାରୁ ତାଙ୍କୁ ଉପଯୁକ୍ତ ଚିକିତ୍ସା ମିଳିପାରୁନି । ସେହିଭଳି ସରକାରୀ ସ୍ତରରେ ଆବାସ ଘର କଣ୍ଡିଏ ବି ମିଳିପାରିନି । କୌଣସୀ ବଦାନ୍ୟ ବ୍ୟକ୍ତି ସାହାଯ୍ୟ କଲେ ମାଙ୍କୁ ଯନ୍ତ୍ରଣାରୁ ଉପଶମ ମିଳିପାରନ୍ତା ବୋଲି କମଳିନୀଙ୍କ ସେବାଶୁଶ୍ରୁଷା କରୁଥିବା ଏକମାତ୍ର ସାହାରା ଭାବେ ଝିଅ ସରସ୍ୱତୀ ନିବେଦନ କରିଛନ୍ତି । ସ୍ୱାମୀ ମଧୁମାଝୀ ପାଖାପାଖି ୮ବର୍ଷ ତଳେ ଦୁର୍ଘଟଣାରେ ଆଖିବୁଜି ସାରିଛନ୍ତି । ଏକମାତ୍ର ଝିଅ ସରସ୍ୱତୀ ମଧ୍ୟ ବିବାହ କରିସାରିଛନ୍ତି । ନିକଟରେ ରଜ ସମୟରେ କମଳୀନୀଙ୍କ ଗଳାରେ ଯନ୍ତ୍ରଣା ହେବା ପରେ ଝିଅ ସହାୟତରେ ଭଦ୍ରକ ଯାଇ ଔଷଧ ଆଣିଥିଲେ । ହେଲେ ସେଥିରେ ଉପସମ ନହେବାରୁ କଟକ ଯାଇ ପରୀକ୍ଷାନିରିକ୍ଷା କରିବା ପରେ ଗଳାରେ କର୍କଟ ହୋଇଥିବା ଜଣାପଡିଥିଲା । ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସାକେନ୍ଦ୍ରରେ ଚିକିତ୍ସା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ ହେଁ ଯିବାଆସିବା ପାଇଁ ତାଙ୍କପାଖରେ ଅର୍ଥର ଘୋର ଅଭାବ ବାଧକ ସାଜିଛି । ତୃତୀୟ ଅବସ୍ଥାରେ ପହଞ୍ଚିସାରିଥିବା ଏହି ବୃଦ୍ଧାକୁ ସହାୟତା କରିବାକୁ ଚାହୁଁଥିବା ବ୍ୟକ୍ତି ମୋବାଇଲ ନମ୍ବର ୯୬୯୨୭୯୬୭୪୯ରେ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି ।

## ଲାୟନ୍ସ କ୍ଲବ୍, ନାଗାବଳୀ ରାୟଗଡାର ନୂତନ କର୍ମକର୍ତା ସଂସ୍ଥାପନ

ରାୟଗଡା (ନି.ପ୍ର) ଆଜି ସଂଧ୍ୟାରେ, ନାଗାବଳୀ ଲାୟନ୍ସ କ୍ଲବର ନୂତନ କର୍ମକର୍ତା ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି । ଲାଏନ୍ସ ଡଃ ବିପିନ ବିହାରୀ ବିଶ୍ୱାଳ, ସୁଦର୍ଶନ ପାଢ଼ୀ ,ରାଜେନ୍ଦ୍ର ସାହୁ ଯଥାକ୍ରମେ ସଭାପତି , ସମ୍ପାଦକ ତଥା କୋଷାଧକ୍ଷ ଭାବେ ନିଜ ନିଜ ଦାୟିତ୍ୱ ଗ୍ରହଣ କରିଛନ୍ତି । ଲାଏନ୍ସ ଡଃ ଦୁଷ୍ମନ୍ତ କୁମାର ମହାନ୍ତି ଆଂଚଳିକ ଅଧକ୍ଷ ଓ ଅଜିତ କୁମାର ପାଣିଗ୍ରାହୀ ପ୍ରଥମ ଉପସଭାପତି ଭାବେ ନିଜ ଦାୟିତ୍ୱ ତୁଲାଇବେ । ଲାଏନ୍ସ.ଇ. ଅଶ୍ୱିନୀ କୁମାର ଦାସ ଜିଲ୍ଲା ଗଭର୍ଣ୍ଣରଙ୍କୁ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ଗଭର୍ଣ୍ଣର ସମସ୍ତ ନୂତନ କର୍ମକର୍ତା ଙ୍କୁ ସଂସ୍ଥାପନ ତଥା ଶପଥ ପାଠ କରାଇବା ସହ କ୍ଲବ ର ନୀତି, ଆଦର୍ଶ ବିଷୟରେ ଅବଗତ କରାଇବା ସହ ଶପଥ ପାଠ କରାଇଥିଲେ ଏବଂ ଉପଢକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଉତ୍ସବରେ ଯୋନ ସଂଯୋଜକ ଲାୟନ୍ସ ଲାଲ ବିହାରୀ ଲେଙ୍କା, ଜି.ରାମକୃଷ୍ଣ ଓ ଅପରାଜିତା କ୍ଲବର ସଭାପତି, ସମ୍ପାଦକ, କୋଷାଧକ୍ଷ, ଉପସଭାପତି ,ଲାଏନ୍ସ କ୍ଲବ ରାୟଗଡର ସଭାପତି, ସମ୍ପାଦକ, କୋଷାଧକ୍ଷ, ବରିଷ୍ଠ ସଭ୍ୟ ଏବଂ ନାଗାବଳୀ ଲାଏନ୍ସ କ୍ଲବ ର ସମସ୍ତ ସଭ୍ୟ/ସଭ୍ୟାଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ସଭାପତି ଶୁଭ୍ରା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ ,ସମ୍ପାଦକ ଡଃ ବିପିନ ବିହାରୀ ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପଠନ,ଚାର୍ଟର ଅଧକ୍ଷ ତଥା ଆଂଚଳିକ ଅଧକ୍ଷ ଡଃ ଦୁଷ୍ମନ୍ତ କୁମାର ମହାନ୍ତି କ୍ଲବ ର ନୀତି, ଆଦର୍ଶ, କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଲାୟନ୍ସ ଡଃ ଅର୍ଚ୍ଚନା ପଟନାୟକ କାର୍ଯ୍ୟକ୍ରମ ସଂଯୋଜନା ଏବଂ ସମ୍ପାଦକ ସୁଦର୍ଶନ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।ନାଗାବଳୀ ଲାଏନ୍ସ କ୍ଲବ ତରଫରୁ ଚଳିତ ୨୦୨୬-୨୭ ବର୍ଷରେ ମୁଖ୍ୟତଃ ବିଭିନ୍ନ ସେବା ମୂଳକ କାର୍ଯ୍ୟକ୍ରମ ଯଥା ପରିବେଶ ସୁରକ୍ଷା, ସ୍ୱଚ୍ଛତା, ବୃକ୍ଷରୋପଣ, ମଧୁମେହ ସଚେତନତା ଓ ପରୀକ୍ଷା, ଖାଦ୍ୟ ବିତରଣ, ଶିଶୁ କର୍କଟ ନିରାକରଣ ସଚେତନ, ଦୃଷ୍ଟି ସେବା, ଚକ୍ଷୁ ଚିକିତ୍ସା ଶିବିର, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସହଯୋଗ, ରକ୍ତଦାନ ଶିବିର, ଯୁବପିଢ଼ି ଙ୍କ ସଶକ୍ତିକରଣ ,ମାନବସେବା କାର୍ଯ୍ୟ ସବୁ କରିବା ପାଇଁ ଆଲୋଚନା କରାଯାଇଥିଲା ।କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ମହିଳା ମହାବିଦ୍ୟାଳୟ ର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ଏବଂ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ।କାର୍ଯ୍ୟକ୍ରମ କୁ ଲାଏନ୍ସ ,ଡଃ ଦୁଷ୍ମନ୍ତ ମହାନ୍ତି,ରୁବିରାଣୀ କୁଣ୍ଡୁ , ଦିପ୍ତୀ ରାଣୀ ପରିଛା, ,ବିପିନ ବିହାରୀ ବିଶ୍ୱାଳ, ରୀତା ରାଣୀ ମିଶ୍ର, ଅର୍ଚ୍ଚନା ପଟନାୟକ, ସୁଦର୍ଶନ ପାଢ଼ୀ,ଲାବଣ୍ୟ ପଟନାୟକ,ରାଜେନ୍ଦ୍ର ସାହୁ, ମନ୍ମଥ ତୁଳ, ପ୍ରଣୀପ୍ତ ପାତ୍ର,ବିଶ୍ୱନାଥ ବିଶ୍ୱାଳ, ରବି ଶତପଥୀ ,ଅରୁଣ ପାଣିଗ୍ରାହୀପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ଲାଏନ୍ସ ଡଃ ଦୁଃଖିଶ୍ୟାମ ଦାସ, ସତ୍ୟବାଦୀ ପତି, ଭାସ୍କର ରାଓ, କ୍ୟାବିନେଟ ସଚିବ ଜୟରାମ ଟୁକଲା, ରାୟଗଡ କ୍ଲବ ସଭାପତି ଡ଼ଃବାବୁରାଉ ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ ।



## ସ୍କୁଲ କଲେଜ ଖୋଲିଲା କିନ୍ତୁ ଝାରସୁଗୁଡ଼ା ବ୍ରଜରାଜନଗର ରାସ୍ତାର ହ-କଟାପାଲି କଲେଜ ନିକଟରେ ହମ୍ପସ୍ ହେଲା ନାହିଁ

ଝାରସୁଗୁଡ଼ା(ନି.ପ୍ର.)- ଝାରସୁଗୁଡ଼ା ଜିଲ୍ଲାରେ ଦୁର୍ଘଟଣା ହ୍ରାସ ପାଇଁ ପ୍ରତେିକ ମାସରେ ସଡକ ସୁରକ୍ଷା ବୈଠକ ହେଉଛି କିନ୍ତୁ ବୈଠକରେ ଦୁର୍ଘଟଣା ହ୍ରାସ ପାଇଁ ହେଉଥିବା ପ୍ରସ୍ତାବ କାର୍ଯ୍ୟକାରୀ ହେଉ ନାହିଁ । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଯେ ଗତ ଏପ୍ରିଲ ମାସ ସଡକ ସୁରକ୍ଷା ବୈଠକରେ ପ୍ରସ୍ତାବିତ ହେଇଥିଲା ଯେ ଝାରସୁଗୁଡ଼ା ଗାନ୍ଧୀ ଛକ ଜାତୀୟ ରାଜପଥ ରାସ୍ତାର ହ-କଟାପାଲି ଠାରେ ଥିବା ଆଦର୍ଶ ସ୍କୁଲ ଠାରୁ କଲେଜ ଓ ହକି ଷ୍ଟାଡ଼ିୟମ ନିକଟରେ ହମ୍ପସ୍ କରାଯିବ ଏବଂ ପ୍ରସନ୍ନ ପଣ୍ଡା ଛକରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ଆଲୋକୀ କରଣ କରାଯିବ । କିନ୍ତୁ ତାହା ଏ ପର୍ଯ୍ୟନ୍ତ କେବଳ କାଗଜ କଲମରେ ରହିଗଲା । ପ୍ରତେିକ ମାସ ବୈଠକରେ କେବଳ ପ୍ରତିଶୃତି ମିଳୁଛି କିନ୍ତୁ କାର୍ଯ୍ୟକାରୀ ହେଉନାହିଁ । ଗତ ମାସରୁ ସ୍କୁଲ କଲେଜ ଗୁଡ଼ିକ ଖୋଲିବା ଫଳରେ ପୁଅ ଝିଅଙ୍କ ଯିବା ଆସିବା ବହୁଳ ପରିମାଣରେ ହେଉଛି । ଅପରାହ୍ନରେ ହକି ଷ୍ଟାଡ଼ିୟମକୁ ବାଳକ ବାଳିକା ମଧ ଖେଳିବା ପାଇଁ ଆସୁଛନ୍ତି । ରାସ୍ତାର ଉଭୟ ପାଶ୍ୱର୍ରେ ପାଣି ଜମି କାଦୁଅ ମଧ ହେଉଛି ଏବଂ ଏହି ରାସ୍ତାରେ ଭାରି ଯାନ ଗୁଡ଼ିକ ବିନା ପାର୍କିଙ୍ଗ ଲାଇଟରେ ରାତିରେ ଠିଆ ହୋଇ ରହୁଛି ଯାହା କି ଦୁର୍ଘଟଣାର ଏକ କାରଣ ହେଉଛି । ବର୍ଷା ହେବା ମାତ୍ରେ ରାସ୍ତାର ଏକ ପାଶ୍ୱର୍ରୁ ଅନ୍ୟ ପାଶ୍ୱର୍କୁ ଯିବା ବିପଦ ସଂକୁଳ ହେଉଛି । ଏହି ରାସ୍ତାରେ ଶହ ଶହ କୋଇଲା ବୋଝେଇ ଟ୍ରକ ଫ୍ଲାଏ ଆସ୍ ଗାଡ଼ି ସହିତ ଛୋଟ ଗାଡ଼ି ମାନ ଚଳାଚଳ କରୁଛି । ଏଠାରେ ସାଧାରଣ ଲୋକ ମାନେ ଦାବି କରନ୍ତି ଯେ ଫୁଟ ଓଭରବ୍ରିଜର ନିର୍ମାଣ କରାଗଲେ ସ୍ଥାନୀୟ ଜନସାଧାରଣ ତଥା ସ୍କୁଲ କଲେଜର ଛାତ୍ରଛାତ୍ରୀ ମାନେ ଉପକୃତ ହୋଇ ପାରିବେ । ଆମ ସମ୍ବାଦିକ ଏହି ବିଷୟରେ ଜିଲ୍ଲା ପରିବହନ ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ ଜାତୀୟ ରାଜପଥ କର୍ତୃପକ୍ଷଙ୍କୁ ବହୁବାର କୁହାଯାଇ ଏହା ଉପରେ ଗୁରୁତ୍ୱ ଦେଇ ତୁରନ୍ତ ଶେଷ କରିବାକୁ କୁହାଯାଇଛି । ସେ ମଧ ଦୁଃଖର ସହିତ ପ୍ରକାଶ କରିଥିଲେ ଯେ ଆମେ କଣ କରି ପାରିବୁ ?

## କିଷାନ କଂଗ୍ରେସର ଜିଲ୍ଲା ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ



ନୀଳଗିରି (ନି.ପ୍ର.): ବାଲେଶ୍ୱର ଜିଲ୍ଲା କିଷାନ କଂଗ୍ରେସ ର ଜିଲ୍ଲା ସ୍ତରୀୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ନୀଳଗିରି କଂଗ୍ରେସ ଭବନ ପରିସରରେ ରାଜ୍ୟ କିଷାନ କଂଗ୍ରେସ ର ଉପସଭାପତି ଯଶୋଦା ନନ୍ଦନ ସିଂହ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇ ଯାଇଛି । ଏହି ପରିପ୍ରେକ୍ଷୀରେ ନୀଳଗିରି ଗଡଜାତ ଆନ୍ଦୋଳନ, ସ୍ୱାଧୀନତା ସଂଗ୍ରାମୀ, ତଥା ଶତାୟୁ ପୁରୁଷ ସ୍ୱାଗତ ବଂଚାନିଧି ବିଶ୍ୱାଳଙ୍କ ଫୋଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ପରେ ସ୍ୱର୍ଗତ ବାଞ୍ଛାନିଧି ଙ୍କ ଅମର ଆତ୍ମାରେ ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକ ରେ ସରକାରଙ୍କର ବହୁବିଧ ଜଣ କଲ୍ୟାଣ ଯୋଜନା ଚାଷୀଙ୍କ ନିକଟରେ ପହଂଚିବା ସହିତ ଏହାର ଫାଇଦା ଉଠାଇପାରିବେ ସେନେଇ ବିଧିବଦ୍ଧ ଆଲୋଚନା କରାଯିବା ସହିତ ଯୋଜନା ବାଟ ମାରଣା ନ ହେବା ପାଇଁ ଏକ କମିଟି ଗଠନପାଇଁ ପ୍ରସ୍ତାବ ଦିଆଯାଇଥିଲା । ଉକ୍ତ କମିଟି ଟି ରାଜ୍ୟ ସଭାପତି ଙ୍କ ଜରିଆରେ ରାଜ୍ୟପାଳ ଓ ରାଷ୍ଟ୍ରପତି ଙ୍କୁ ପ୍ରଦାନ ପାଇଁ ସ୍ଥିର କରାଯାଇଥିଲା । କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ବେହେରା, ସମ୍ମାନୀତ ଅତିଥି ଭାବେ ସଦାଶିବ ରଥ, ସନାତନ ଜେନା, ଗଦାଧର ପରିଡ଼ା, ରାମ ବିହାରୀ ମହାପାତ୍ର, ଉପେନ୍ଦ୍ର ବେହେରା ଓ ମୁଖ୍ୟ ବକ୍ତା ଭାବେ ବିଶ୍ୱନାଥ ଦାସ, ଚକ୍ରଧର ଦାସବାବୁ, ପ୍ରଫୁଲ୍ଲ ମହାନ୍ତି, କୈଳାଶ ପାତ୍ର, ବାସନ୍ତି ସିଂହ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ । ପରେ ପ୍ରଫୁଲ୍ଲ ମହାନ୍ତି ନିର୍ବାଚନମଣ୍ଡଳୀ ର ସମସ୍ତ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ସମ୍ପାଦନା ପାଇଁ ଦାୟତ୍ୱ ଦିଆଯାଇଥିଲା ।

# ପୁରୀ ରଥଯାତ୍ରାରେ ସେବା କେନ୍ଦ୍ର ସ୍ଥାପନ କଲା ଆଇଆରଇଡିଏ

ପୁରୀ : ସରକାରୀ ଉଦ୍ୟୋଗ- ଭାରତୀୟ ଅକ୍ଷୟ ଶକ୍ତି ବିକାଶ ସଂସ୍ଥା (ଆଇଆରଇଡିଏ) ପୁରୀରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ଯୋଗ ଦେଇଥିବା ଭକ୍ତମାନଙ୍କ ପାଇଁ ଏକ ସେବା କେନ୍ଦ୍ର ସ୍ଥାପନ କରିଛି । ଶ୍ରୀଗୁଣ୍ଡିଚା ମନ୍ଦିର ନିକଟସ୍ଥ ବଡ଼ ଦାଣ୍ଡରେ ଏହି କେନ୍ଦ୍ରକୁ ଅଧକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ବିଜୟ କୁମାର ମହାନ୍ତି ଉଦଘାଟନ କରିଥିଲେ ।ସେବା କେନ୍ଦ୍ର ଜୁଲାଇ ୧୬ ରୁ ଜୁଲାଇ ୨୪ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ । ବାର୍ଷିକ ରଥ ମହୋତ୍ସବରେ ଆସୁଥିବା ହଜାର ହଜାର ତୀର୍ଥଯାତ୍ରୀଙ୍କୁ ଏଠାରେ ମାଗଣା ପାନୀୟ ଜଳ ଏବଂ ଖାଦ୍ୟ ମିଳିବ । କଲ୍ୟାଣମୂଳକ ପଦକ୍ଷେପ ସହିତଆଇଆରଇଡିଏମହୋତ୍ସବକୁ ଆସୁଥିବା ଭକ୍ତମାନଙ୍କ ମଧ୍ୟରେ ଅକ୍ଷୟ ଶକ୍ତି ଏବଂ ସ୍ଥାୟୀ ବିକାଶ ବିଷୟରେ ସଚେତନତା ମଧ୍ୟ ପ୍ରସାର କରୁଛି । ଏହି ଅବସରରେ ଡକ୍ଟର ବିଜୟ କୁମାର ମହାନ୍ତି କହିଛନ୍ତି ଯେ ପବିତ୍ର ରଥଯାତ୍ରା ସମୟରେ ଭକ୍ତମାନଙ୍କୁ ସେବା କରିବା ପାଇଁ ଆଇଆରଇଡିଏଲାଗି ଗର୍ବର ବିଷୟ । ଏହି ପଦକ୍ଷେପ କମ୍ପାନୀର ସମାଜସେବା ଏବଂ ପରିବେଶଗତ ଉତରଦାୟିତ୍ୱ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଉଦଘାଟନ କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଆଇନ ଏବଂ ମାନବ ସମ୍ବଳ) ଦୀପକ କୁମାର ବାରିକ ଉପସ୍ଥିତ ଥିଲେ ।ସେବା ଷ୍ଟଲ ମାଧମରେଆଇଆରଇଡିଏଜନସେବାକୁ ସ୍ୱଚ୍ଛ ଓ ଅକ୍ଷୟ ଶକ୍ତି ବିଷୟରେ ସଚେତନତା ସହିତ ମିଶ୍ରଣ କରିବାକୁ ଲକ୍ଷ୍ୟ ରଖିଛି ।

# ବୀମାସଖୀ ଯୋଜନା ମହିଳାଙ୍କୁ ଦେଉଛି ନୂଆ ପରିଚୟ

ନୂଆଦିଲ୍ଲୀ : ବୀମା ସଖୀ ଯୋଜନା ହେଉଛି ମହିଳାଙ୍କ ପାଇଁ ସ୍ୱାବଲମ୍ବନର ଏକ ସୁନିଶ୍ଚିତ ପଥ ଆଜିର ଯୁଗରେ ମହିଳାମାନେ ଘର ଓ ସମାଜର ମୂଳସ୍ତମ୍ଭ । କିନ୍ତୁ ଆର୍ଥିକ ସ୍ୱାଧୀନତା ନଥିଲେ ସେମାନଙ୍କର ସମ୍ପୂର୍ଣ୍ଣ ବିକାଶ ସମ୍ଭବ ନୁହେଁ । ଏହି କଥାକୁ ପ୍ରାଧାନ୍ୟ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତୀୟ ଜୀବନ ବୀମା ନିଗମ ଆରମ୍ଭ କରିଛି ବୀମା ସଖୀ ଯୋଜନା । ଏହା ମହିଳାଙ୍କୁ ନେତୃତ୍ୱ ଦେବାର ସୁଯୋଗ ଦେଇଛି । ଗ୍ରାମର ମହିଳାମାନେ ନିଜ ପରିବାର ଓ ସମାଜକୁ ବୀମାର ମହତ୍ୱ ବୁଝାଇ ଆର୍ଥିକ ସୁରକ୍ଷା ବଢ଼ାଇପାରିବେ । ଏହା ଦୀନଦୟାଲ୍ ଅନ୍ତ୍ୟୋଦୟ ଯୋଜନା ସହିତ ମିଶି କାର୍ଯ୍ୟ କରୁଛି । ଏହି ଯୋଜନା ଲକ୍ଷ ଲକ୍ଷ ଗ୍ରାମୀଣ ଓ ସହରୀ ମହିଳାଙ୍କ ପାଇଁ ଆତ୍ମନିର୍ଭରତାର ଏକ ସୁବର୍ଣ୍ଣ ସୁଯୋଗ । ୨୦୨୪ ଡିସେମ୍ବର ୯ ତାରିଖରେ ହରିୟାଣାର ପାନିପତ୍ ?ରେ ପ୍ରଧାନମନ୍ତ୍ରୀ ଏହି ଯୋଜନା ଉଦ୍‌ଘାଟନ କରିଥିଲେ ।

# ୧୩ ଜିଲ୍ଲାରେ ଝଡ଼ବର୍ଷା ସମ୍ଭାବନା

ଭୁବନେଶ୍ୱର: ଭାରତୀୟ ପାଣିପାଗ ବିଭାଗ ଶନିବାର ସନ୍ଧ୍ୟା ସମୟରେ କଟକ ଏବଂ ଭୁବନେଶ୍ୱର ସମେତ ଓଡ଼ିଶାର ୧୩ଟି ଜିଲ୍ଲା ପାଇଁ ଏକ ସତର୍କତା ଜାରି କରିଛି । ଏହି ସମୟ ମଧ୍ୟରେ କଟକ, ନୟାଗଡ଼, ଗଞ୍ଜାମ, କେନ୍ଦ୍ରାପଡ଼ା, ଦେବଗଡ଼ା, ପୁରୀ, ଖୋର୍ଦ୍ଧା (ଭୁବନେଶ୍ୱର ସମେତ) ଜଗତସିଂହପୁର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ମାଲକାନଗିରି ଏବଂ କୋରାପୁଟ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଏବଂ ବଜ୍ରପାତ ହୋଇପାରେ । ଲୋକଙ୍କୁ ପାଣିପାଗ ଉପରେ ନଜର ରଖିବାକୁ ଏବଂ ବଜ୍ରପାତରୁ ରକ୍ଷା ପାଇବା ପାଇଁ ସୁରକ୍ଷିତ ସ୍ଥାନକୁ ଯିବାକୁ ପରାମର୍ଶ ଦିଆଯାଇଛି । ଉଲ୍ଲେଖଯୋଗ୍ୟ, ଗାଙ୍ଗେୟ ପଶ୍ଚିମବଙ୍ଗର ପଶ୍ଚିମ ଅଂଶ ଏବଂ ସଂଲଗ୍ନ ଉତର ଝାଡ଼ଖଣ୍ଡ ଉପରେ ଲଘୁଚାପ କମ୍ ଚିହ୍ନିତ ହେବା ସତ୍ୱେ ମଧ୍ୟ ଏହି ସତର୍କତା ଦିଆଯାଇଛି । ମୌସୁମୀ ଟ୍ରଫ୍ ବର୍ତମାନ ଅମୃତସର, କରନାଲ, ହରଦୋଇ, ରାଂଚି, ଦୀଘା ଏବଂ ଦକ୍ଷିଣ-ପୂର୍ବ ଦିଗକୁ ଉତର-ପଶ୍ଚିମ ବଙ୍ଗୋପସାଗର ଆଡକୁ ଗତି କରୁଛି । ଯେତେବେଳେ କି ଦକ୍ଷିଣ ଓଡ଼ିଶାରେ ଘୂର୍ଣ୍ଣିବଳୟ ଜାରି ରହିଛି ।



# ଶ୍ରବଣ ଶକ୍ତି ବାଧିତ ବାଳିକାମାନଙ୍କ ସହ ଭାବବିନିମୟ କଲେ ରାଜ୍ୟପାଳ




ଭୁବନେଶ୍ୱର : ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ ହରି ବାବୁ କମ୍ଭମପାଟି ଶନିବାର ଦିନ ଶ୍ରବଣ ଶକ୍ତି ବାଧିତ ବାଳିକାମାନଙ୍କ ସହ ଭାବବିନିମୟ କରିଛନ୍ତି ଓ ଏହି ଅବସରରେ ରାଜ୍ୟପାଳ ଶ୍ରବଣ ଶକ୍ତି ବାଧିତ ବାଳିକାଙ୍କ ନିମନ୍ତେ ଦକ୍ଷତା ବିକାଶ ଏବଂ ରୋଜଗାର ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି । ରାଜ୍ୟର ଶିଳ୍ପ କ୍ଷେତ୍ର ସହିତ ସେମାନଙ୍କୁ ଯୋଡ଼ିବା ପାଇଁ ପ୍ରୟାସ କରିବାକୁ ମଧ୍ୟ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି । ଆଜି ଲୋକ ଭବନର ଅଭିଷେକ ହଲରେ କେନ୍ଦୁଝରର ସେବା ଫାଉଣ୍ଡେସନ୍‌ର ପ୍ରାୟ ୫୦ ଜଣ ସଦସ୍ୟଙ୍କ (ଶ୍ରବଣ ଶକ୍ତି ବାଧିତ ବାଳିକା ଓ ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସମେତ) ସହିତ ଆଲୋଚନା କରିବା ସମୟରେ ଏହି ବାଳିକାମାନଙ୍କୁ ଦରଜି ଏବଂ ହସ୍ତଶିଳ୍ପ ପ୍ରଶିକ୍ଷଣ ଦିଆଯାଉଛି ବୋଲି ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା । ଏହି ଅବସରରେ ଓଡ଼ିଶାରେ ଏକାଧିକ ବୟନ ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଥିବା ଦୃଷ୍ଟିରୁ ପ୍ରଶିକ୍ଷିତ ବାଳିକାମାନଙ୍କ ପାଇଁ ଏହି ଶିଳ୍ପସଂସ୍ଥା ଗୁଡ଼ିକରେ ରୋଜଗାର ସୁଯୋଗ ଖୋଜିବାକୁ ସଂଗଠନକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ଏହା ଦ୍ୱାରା ସେମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇ ସମ୍ମାନଜନକ ଜୀବନ ଯାପନ କରିପାରିବେ ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ । ଅଂଶଗ୍ରହଣକାରୀଙ୍କ ସହିତ ଭାବ ବିନିମୟ ସମୟରେ ସେମାନଙ୍କୁ ପ୍ରଦାନ କରାଯାଉଥିବା ଶ୍ରବଣ ଯନ୍ତ୍ର, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଆଦି ସହାୟତା ବିଷୟରେ ରାଜ୍ୟପାଳ ପଚାରି ବୁଝିଥିଲେ । ଏହି ପ୍ରସଙ୍ଗରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଶାସନ କର୍ପୋରେଟ ସାମାଜିକ ଦାୟିତ୍ୱ ମାଧ୍ୟମରେ ଶ୍ରବଣ ଶକ୍ତି ଯନ୍ତ୍ର ଯୋଗାଇ ଦେବା ନିମନ୍ତେ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ଏହା ପରେ ଶ୍ରବଣ ଶକ୍ତି ବାଧିତ ବାଳିକା ଓ ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତିମାନ ଲୋକ ଭବନ ପରିସରସ୍ଥିତ ଉଦ୍ୟାନ, ଅଟଳ ବନ ଏବଂ ହରିଣ ପାର୍କ ପରିଦର୍ଶନ କରିଥିଲେ । ଆସନ୍ତା କାଲି ସେମାନଙ୍କର ପୁରୀ ଗସ୍ତ ନିମନ୍ତେ ବିହିତ ବ୍ୟବସ୍ଥା ଲୋକ ଭବନ ପକ୍ଷରୁ କରାଯାଇଛି ।

# ଭାରତ-ବାଂଲାଦେଶ ସୀମା ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଅମିତ ଶାହା

ଶିଲିଗୁଡ଼ି : ଭାରତର ସାର୍ବଭୌମତ୍ୱ ଏବଂ ଭୌଗୋଳିକ ଅଖଣ୍ଡତା ଦୃଷ୍ଟିରୁ ରଣନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଥିବା ସିଲିଗୁଡ଼ି କରିଡର(ଚିକେନ ନେକ)ର ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଏବଂ ପଶ୍ଚିମବଙ୍ଗ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛନ୍ତି । କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସହଯୋଗ ମନ୍ତ୍ରୀ ଅମିତ ଶାହା ଶନିବାର ଦିନ ସିଲିଗୁଡ଼ିର ଫୁଲବାରୀ ଏବଂ ଉତରକନିଆ ସଚିବାଳୟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଭାରତ-ବାଂଲାଦେଶ ସୀମା ସୁରକ୍ଷା ବ୍ୟବସ୍ଥା, ସୀମା ପରିଚାଳନା, ଆଧୁନିକ ତଦାରଖ ବ୍ୟବସ୍ଥା ଏବଂ ଭିତିଭୂମିର ବ୍ୟାପକ ସମୀକ୍ଷା କରିଛନ୍ତି । ଏହି ସମୟରେ, ସୀମା ସୁରକ୍ଷାକୁ ଅଧିକ ପ୍ରଭାବଶାଳୀ ଏବଂ ପ୍ରଯୁକ୍ତିବିଦ୍ୟା ଆଧାରିତ କରିବା ପାଇଁ ସେ ଅଧିକାରୀମାନଙ୍କୁ ଅନେକ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇଥିଲେ । ଶୁକ୍ରବାର ବିଳମ୍ବିତ ରାତିରେ ବାଗଡୋଗରା ବିମାନ ବନ୍ଦରରେ ପହଂଚିବା ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ପ୍ରଥମେ ଶନିବାର ସକାଳେ ଜଳପାଇଗୁଡ଼ି ଜିଲ୍ଲାର ରାଜଗଞ୍ଜ ଥାନା ଅଂଚଳରେ ଭାରତ-ବାଂଲାଦେଶ ସୀମାରେ ଥିବା



ସମ୍ବେଦନଶୀଳ ଗ୍ରାମ ଜୁମ୍ପାଗାଚରେ ପହଂଚିଥିଲେ । ଏଠାରେ ସେ ସୀମାରେ ସ୍ଥଳଭାଗର ସ୍ଥିତି, ବି.ଏସ୍.ଏଫ୍. ନିୟୋଜନ, ସୁରକ୍ଷା ଭିତିଭୂମି ଏବଂ ସ୍ଥାନୀୟ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ମୌସୁମୀ ସମୟରେ ନଦୀ ଅଂଚଳରେ ସୃଷ୍ଟି ହେଉଥିବା ଆହ୍ୱାନ, ଅନୁପ୍ରବେଶ ଏବଂ ଚୋରାଚାଲାଣ ସମ୍ଭାବନା ବିଷୟରେ ମଧ୍ୟ ଅଧିକାରୀମାନେ ସେମାନଙ୍କୁ ଅବଗତ କରାଇଥିଲେ । ଏହାପରେ ଅମିତ ଶାହା ସିଲିଗୁଡ଼ିରେ ରାଜ୍ୟର ମିନି-ସଚିବାଳୟ ଉତରକାନ୍ୟାରେ ପହଂଚିଥିଲେ, ଯେଉଁଠାରେ ରାଜ୍ୟ ସରକାର, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ସୀମା ସୁରକ୍ଷା ବାହିନୀ ଏବଂ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସିଗୁଡ଼ିକର ବରିଷ୍ଠ ଅଧିକାରୀଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ।

# ରାମନଗର-ଡେରାଡୁନ ଏକ୍ସପ୍ରେସର ଶୁଭାରମ୍ଭ କଲେ ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ: କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ରାମନଗର-ଡେରାଡୁନ ଏକ୍ସପ୍ରେସକୁ ଭର୍ଚୁଆଲ ମାଧ୍ୟମରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି, ଯାହା ରାମନଗରକୁ ଡେରାଡୁନ ସହିତ ସଂଯୋଗ କରୁଥିବା ପ୍ରଥମ ସିଧାସଳଖ ଏକ୍ସପ୍ରେସ । ଉତରାଖଣ୍ଡର ମୁଖ୍ୟମନ୍ତ୍ରୀ ଶ୍ରୀ ପୁଷ୍କର ସିଂହ ଧାମି ମଧ୍ୟ ଭିଡିଓ କନଫରେନ୍ସିଂ ଜରିଆରେ ଏହି ଅବସରରେ ଉପସ୍ଥିତ ଥିଲେ । ନୂତନ ଟ୍ରେନ୍ ଏହି ଅଂଚଳର ଲୋକଙ୍କ ଦୀର୍ଘ ଦିନର ଦାବି ପୂରଣ କରିବ ଏବଂ ଉତରାଖଣ୍ଡର କୁମାଓଁ ଏବଂ ଗଡ଼ୱାଲ ଅଂଚଳ ମଧ୍ୟରେ ରେଳ ସଂଯୋଗକୁ ଯଥେଷ୍ଟ ମଜବୁତ କରିବ ।ଏହି ଏକ୍ସପ୍ରେସ୍ ଟ୍ରେନ୍ ପ୍ରତି ବୁଧବାର ଏବଂ ଶୁକ୍ରବାର ଚାଲିବ । ଟ୍ରେନ୍ ନଂ. ୧୫୩୧୦ ରାମନଗରରୁ ୦୫ଟା ୫୦ରେ ଛାଡିବ ଏବଂ ୧୨ଟା ୪୦ରେ ଡେରାଡୁନରେ ପହଂଚିବ । ପ୍ରତ୍ୟାବର୍ତନ ଯାତ୍ରାରେ ଟ୍ରେନ୍ ନଂ. ୧୫୩୦୯ ଡେରାଡୁନରୁ ୧୫.୫୫ରେ ଛାଡିବ ଏବଂ ୨୩.୩୦ରେ ରାମନଗରରେ ପହଂଚିବ । ଏହି ଟ୍ରେନ୍ କାଶୀପୁର, ରୋଶନପୁର, ପିପଲସାନା, ମୋରାଦାବାଦ, ନଜୀବାବାଦ ଏବଂ ହରିଦ୍ୱାର ଠାରେ ଅଟକିବ । ଏହି ଟ୍ରେନରେ ଏସି ଦ୍ୱିତୀୟ ଶ୍ରେଣୀ, ଏସି ତୃତୀୟ ଶ୍ରେଣୀ, ଏସି ଚେୟାର କାର, ସ୍ଲିପର ଶ୍ରେଣୀ, ଦ୍ୱିତୀୟ ସିଟିଂ ଏବଂ ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ ରହିବ, ଯାହା ବିଭିନ୍ନ



ବର୍ଗର ଯାତ୍ରୀଙ୍କ ପାଇଁ ଆରାମଦାୟକ ଯାତ୍ରା ବିକଳ୍ପ ପ୍ରଦାନ କରିବ । ଏହି ନୂତନ ସେବା ଉତରାଖଣ୍ଡର ନୈନିତାଲ, ଉଧମ ସିଂହ ନଗର, ହରିଦ୍ୱାର ଏବଂ ଡେରାଡୁନ ଜିଲ୍ଲା ତଥା ଉତର ପ୍ରଦେଶର ମୋରାଦାବାଦ ଏବଂ ବିଜନୋର ଜିଲ୍ଲାର ବାସିନ୍ଦା, ଛାତ୍ର, କୃଷକ, ବ୍ୟବସାୟୀ ଏବଂ ସମସ୍ତ ବର୍ଗର ଲୋକଙ୍କୁ ଉପକୃତ କରିବ । ଏହା ଡେରାଡୁନ ଏବଂ ହରିଦ୍ୱାରକୁ ଗୋଟିଏ ଦିନରେ ସୁବିଧାଜନକ ସଂଯୋଗ ପ୍ରଦାନ କରିବ, ଯାହାଦ୍ୱାରା ଯାତ୍ରୀମାନେ ଘରକୁ ଫେରିବା ପୂର୍ବରୁ ସରକାରୀ କାର୍ଯ୍ୟ, ପାଠପଢ଼ା, ବ୍ୟବସାୟିକ ଏବଂ ବ୍ୟକ୍ତିଗତ କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରିବେ । ଏହି ଟ୍ରେନ୍ ଉକ୍ତ ଅଂଚଳରେ ପର୍ଯ୍ୟଟନ ଏବଂ ତୀର୍ଥଯାତ୍ରାକୁ ମଧ୍ୟ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି । ଏହା ଜିମ୍ କର୍ବେଟ୍ ଜାତୀୟ ଉଦ୍ୟାନ, ରାମନଗର ନିକଟରେ କୋଶି ନଦୀ ମଧ୍ୟରେ ଏକ ବଡ଼ ପଥର ଉପରେ ଅବସ୍ଥିତ ଗିରିଜା ଦେବୀ ମନ୍ଦିର ଏବଂ ପ୍ରାଚୀନ ଧାର୍ମିକ ସ୍ଥଳ ସୀତାମଢୀ/ ସୀତାବାଣୀ ସହିତ ଯୋଗାଯୋଗରେ ଉନ୍ନତି ଆଣିବ ।









Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- ନିର୍ମାଲ୍ୟ ମହାନ୍ତି